# ପ୍ରେରଣା

## ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

ଫେବୃୟାରୀ, ୨୦୧୯

ପଞ୍ଚମ ସଂସ୍କରଣ

**ପ୍ରତିଷ୍ଠାତା**

**ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ**

# ପ୍ରେରଣା

## ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

ଫେବୃୟାରୀ, ୨ ୦ ୧ ୯ । ପଞ୍ଚମ ସଂସ୍କରଣ



ଭାଷା,ସାହିତ୍ୟ ଓ ଭାବନାର ମଧୁର ମିଳନ

ପ୍ରତିଷ୍ଠାତା

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ
ଜହ୍ନିତଇଳା, ବାରଦା,
ଢେଙ୍କାନାଳ

ସମ୍ପାଦକ

ଶ୍ରୀ ଦେବୀ ପ୍ରସାଦ ସ୍ୱାଇଁ
ଜହ୍ନିତଇଳା, ବାରଦା,
ଢେଙ୍କାନାଳ

8908279130

8908279130

emagazineprerana@gmail.com

www.facebook.com/preranaodia/

# ଛବିଟିଏ ପାଇଁ ପଦଟିଏ

"ଛବିଟିଏ ପାଇଁ ପଦଟିଏ" ପ୍ରତିଯୋଗିତାର ଫେବୃୟାରୀ,୨୦୧୯ ସଂସ୍କରଣ ଇତି ମଧ୍ୟରେ ସମାପ୍ତ ହୋଇଅଛି । ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଲେଖକ/ଲେଖିକା ମାନଙ୍କୁ "ପ୍ରେରଣା ପରିବାର" ତରଫରୁ ଅଶେଷ ଧନ୍ୟବାଦ । ପ୍ରିୟ ଲେଖକ/ଲେଖିକା ମାନଙ୍କର ଲେଖନୀ ଦୀର୍ଘଜୀବୀ ହେଉ ଏହା ଇଶ୍ୱରଙ୍କ ନିକଟରେ ପାର୍ଥନା ।

"ଛବିଟିଏ ପାଇଁ ପଦଟିଏ" ଫେବୃୟାରୀ,୨୦୧୯ ସଂସ୍କରଣର ବିଜେତା କବିୟତ୍ରୀ ମଞ୍ଜୁଲତା ସିଂ ଙ୍କୁ ଅଭିନନ୍ଦନ । କବିୟତ୍ରୀଙ୍କ କଲମରୁ...

ଦୂର ଦିଗବଳୟେ ଲୋହିତ ଆଭାର
ଅସ୍ତରାଗକୁ ବୁଣି...
ଅନ୍ଧାରକୁ ନେଇ ସଞ୍ଜ ନଇଁ ଆସେ
ବାହୁଡ଼ନ୍ତି ଦିନମଣି...



କବିୟତ୍ରୀ ମଞ୍ଜୁଲତା ସିଂ

# ଉପକ୍ରମ

ପ୍ରାରମ୍ଭରୁ ଓଡିଆ ସାହିତ୍ୟ ପ୍ରତି ବିଶେଷ ଦୁର୍ବଳତା ନଥିଲେ ମଧ୍ୟ, କିଞ୍ଚିତ୍ ଜିଜ୍ଞାସା ନିଶ୍ଚୟ ଥିଲା । ଯେବେ କେବେବି ବାପାଙ୍କର ଲେଖା କିଛି ପଢେ, ତାଙ୍କ ସୃଜନଶୀଳତା ଓ ସାହିତ୍ୟର ବୈସ୍ଥୃତ୍ୟ ଦେଖି ଅତି ବିସ୍ମିତ ଲାଗେ । ତାଙ୍କ ଲେଖା ପରି ସୁନ୍ଦର ସାହିତ୍ୟ, ଲୋକଲୋଚନରୁ ଅଦୃଷ୍ଟ ରହିଗଲା କେବଳ ସୁଯୋଗ ଏବଂ ପ୍ରୋତ୍ସାହନ  ଅଭାବରୁ । ତାଙ୍କ ପରି ଅନେକ ସାହିତ୍ୟ ସାଧକ ବଣମଲ୍ଲୀ ପରି ବଣରେ ଫୁଟି ନିଜର ସୁଗନ୍ଧ ଚତୁର୍ପାର୍ଶ୍ୱରେ ପ୍ରସାରିତ କରିବା ପୂର୍ବରୁ ଝଡି  ଯାଉଛନ୍ତି ।

ଓଡିଆ ସାହିତ୍ୟର ସେହି ଲୁକ୍କାୟିତ ତଥା ଅପ୍ରସଂଶିତ ସ୍ରଷ୍ଟା ମାନଙ୍କୁ ସୁଯୋଗ ଦେବା ଏବଂ ସେମାନଙ୍କର ଅପ୍ରକାଶିତ ରଚନା ଗୁଡିକୁ ଲୋକ ଲୋଚନକୁ ଆଣିବା ପାଇଁ ଏକ ମାଧ୍ୟମ ପ୍ରଦାନ କରିବାର ଏକ କ୍ଷୁଦ୍ର ପ୍ରଚେଷ୍ଟା "ପ୍ରେରଣା" । ଯେକୌଣସି ପ୍ରତିକୂଳ ପରିସ୍ଥିତିରେବି, ନିର୍ଭୀକ ଭାବରେ ନିଜର କର୍ମ କରି ଚାଲିବା ପାଇଁ, ବାପାଙ୍କ ଠାରୁ ଯେଉଁ ପ୍ରେରଣା ମିଳିଥିଲା, ସେହି ପ୍ରେରଣାକୁ ସାହିତ୍ୟ ପ୍ରେମୀ ବନ୍ଧୁ ମାନଙ୍କ ସହ ପ୍ରସାର କରି ଓଡିଆ ଭାଷା ସାହିତ୍ୟ ପ୍ରତି ନିଜର ସାମାନ୍ୟ ଅନୁଦାନ ଅର୍ପଣ କରିବା ପାଇଁ ହିଁ  "ପ୍ରେରଣା"ର ସୃଷ୍ଟି ।

ଏହି ମାଧ୍ୟମଟି ଆପଣଙ୍କୁ ସାମାନ୍ୟତମ ପ୍ରୋତ୍ସାହନ ପ୍ରଦାନ କଲେ ମୋର ଶ୍ରମ ସାର୍ଥକ ହେବା ଆଶାକରେ ।

**ସମ୍ପାଦକ**

**ପ୍ରେରଣା**

ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

# ସହୃଦୟ ପାଠକ ପାଠିକା ମାନଙ୍କ ପ୍ରତି...

ପ୍ରେରଣା ଇ-ପତ୍ରିକାକୁ ଶତ-ପ୍ରତିଶତ ନିର୍ଭୁଲ ଭାବରେ ପ୍ରକାଶ କରିବା ପାଇଁ ଆମ୍ଭେମାନେ ଚେଷ୍ଟିତ । ଯେହେତୁ ଏହା ଲେଖକ/ଲେଖିକା ମାନଙ୍କର ନିଜସ୍ୱ ସୃଷ୍ଟିର ଏକ ସଂକଳନ ମାତ୍ର, ସେମାନଙ୍କର ଭାବ ଏବଂ ସାହିତ୍ୟିକ ତ୍ରୁଟିକୁ ପରିବର୍ତ୍ତନ କରିବା ସମ୍ଭବପର ନୁହେଁ I ଆମ୍ଭେ କେବଳ ଭାଷାଗତ ଏବଂ ଶବ୍ଦଗତ ତ୍ରୁଟିକୁ ସୁଧାରିବା ପାଇଁ ପ୍ରୟାସ କରିଛୁ । ଏହି ସବୁ ସତ୍ତ୍ୱେ ଯଦି କିଛି ବ୍ୟାକରଣଗତ ତ୍ରୁଟି ରହି ଯାଇଥାଏ ତେବେ ତାହା ସହୃଦୟ ପାଠକ ପାଠିକା ତଥା ବିଦଗ୍ଧ-ସାହିତ୍ୟ ସମୀକ୍ଷକମାନଙ୍କର ବିହଙ୍ଗାବଲୋକନରୁ କଦାପି ଲୁଚି ରହି ପାରିବ ନାହିଁ, ତେଣୁ ସର୍ବାଦୌ ସେମାନଙ୍କ ନିକଟରେ ତ୍ରୁଟି ଜଣାଇଁ କ୍ଷମା ଭିକ୍ଷା କରୁଅଛି I ଏହି ପତ୍ରିକାରେ ଯଦି ସେପରି କୌଣସି ଧର୍ମ ବହିର୍ଭୂତ ତଥା ବିରୋଧୀ ତତ୍ତ୍ୱ ପ୍ରକାଶ ପାଇଥାଏ ତେବେ ତାହା ଜଣାଇଲେ ତ୍ରୁଟି ମାର୍ଜନା ପ୍ରତି ଯତ୍ନବାନ ହେବୁ I

## ବିଶେଷ କୃତଜ୍ଞତା

- ଶ୍ରୀ ବିଭୁଶ୍ରୀ ମିଶ୍ର, ଢେଙ୍କାନାଳ
- ଶ୍ରୀ ସନ୍ତୋଷ ସାଗର ମିଶ୍ର, ରଣପଶି, ଢେଙ୍କାନାଳ
- ଶ୍ରୀ ହୃଦୟାନନ୍ଦ ପଧାନ, ସୁବର୍ଣ୍ଣପୁର
- ଶ୍ରୀ ଚନ୍ଦ୍ର ଶେଖର ଖଟୁଆ, ଢେଙ୍କାନାଳ
- ଶ୍ରୀ ଆର୍ଯ୍ୟେନ୍ଦୁ ପଟ୍ଟନାୟକ,ଢେଙ୍କାନାଳ

# ପ୍ରେରଣା ଇ-ପତ୍ରିକା ପ୍ରକାଶନର ନିୟମାବଳୀ :

- ପ୍ରେରଣା ଇ-ପତ୍ରିକା ଏକ ମାସିକ ସଂସ୍କରଣ ହୋଇଥିବାରୁ ପ୍ରିୟ ଲେଖକ/ଲେଖିକା ମାନେ ପ୍ରତି ମାସରେ ପ୍ରକାଶଯୋଗ୍ୟ ନିଜସ୍ୱ ଲେଖା ପଠାଇ ପାରିବେ ।
- ପ୍ରକାଶନ ପାଇଁ ପ୍ରେରିତ ଲେଖା ଗୁଡିକର ନକଲକୁ ଲେଖକ/ଲେଖିକା ମାନେ ନିଜ ପାଖରେ ସରଂକ୍ଷିତ କରି ରଖିବା ପାଇଁ ଅନୁରୋଧ । କାରଣ ଅମନୋନିତ ଲେଖା ଗୁଡିକ ଫେରସ୍ତ ହେବାର ବ୍ୟବସ୍ଥା ନାହିଁ ।
- ବର୍ତ୍ତମାନ ପ୍ରେରଣା ଇ-ପତ୍ରିକା ମୁଖ୍ୟତଃ ପଦ୍ୟ ଏବଂ ଗଦ୍ୟ ଏହି ଦୁଇଟି ବିଭାଗ କୁ ନେଇ ଗଠିତ ହୋଇଥିବାରୁ ପ୍ରତି ସଂସ୍କରଣ ପାଇଁ ପ୍ରିୟ ଲେଖକ/ଲେଖିକା ମାନେ ଅତିବେଶିରେ କେବଳ ଦୁଇଟି (ଗୋଟିଏ ଗଦ୍ୟ ଏବଂ ଗୋଟିଏ ପଦ୍ୟ) ଲେଖା ପଠାଇ ପାରିବେ ।
- ପ୍ରିୟ ଲେଖକ/ଲେଖିକା ମାନେ ନିଜସ୍ୱ ଲେଖା ପଠାଇବା ପାଇଁ www.preranaodia.com ରେ ଉପଯୁକ୍ତ ତଥ୍ୟ ପ୍ରଦାନ କରିବା ସହ ନିଜସ୍ୱ ଲେଖା ଅପ୍-ଲୋଡ କରିବା ଆବଶ୍ୟକ ।
- ପ୍ରତି ସଂସ୍କରଣ ପାଇଁ କେବଳ ଏହି ପଞ୍ଜୀକରଣ ଦ୍ୱାରା ଲେଖା ଗ୍ରହଣଯୋଗ୍ୟ ଅଟେ । ସୁତରାଂ ପ୍ରତି ସଂସ୍କରଣ ପାଇଁ ଲେଖକ/ଲେଖିକା ମାନେ ଲେଖାକୁwww.preranaodia.com ରେ ଅପ୍-ଲୋଡ କରିବାକୁ ପଡିବ । ପଞ୍ଜୀକରଣ ସମୟରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ଆମ ସହ ଯୋଗାଯୋଗ କରିବାକୁ ଅନୁରୋଧ ।
- ପ୍ରିୟ ଲେଖକ/ଲେଖିକା ମାନେ ପଞ୍ଜୀକରଣ ଫର୍ମ ରେ ପ୍ରଦତ୍ତ ସ୍ଥାନରେ ନିଜସ୍ୱ ଲେଖାକୁ ଓଡିଆ ରେ ଲେଖି ପାରିବେ ।
- ଇ-ମେଲ କିମ୍ବା ହ୍ୱାଟସ୍ଆପ୍ ଦ୍ୱାରା ପ୍ରେରିତ ଲେଖା ଗ୍ରହଣୀୟ ନୁହେଁ । ତେଣୁ ସହୃଦୟ ଲେଖକ/ଲେଖିକା ମାନେ ଲେଖା ପଠାଇବା ପାଇଁ ଏହାର ବ୍ୟବହାର ନକରିବା ପାଇଁ ବିଶେଷ ଅନୁରୋଧ ।

- ପ୍ରିୟ ଲେଖକ / ଲେଖିକା ମାନଙ୍କୁ ବିଶେଷ ଅନୁରୋଧ – ଅନ୍ୟ କୌଣସି ପତ୍ରିକାକୁ ପ୍ରକାଶ କରିବା ପାଇଁ ପଠାଇଥିବା ଲେଖା "ପ୍ରେରଣା" କୁ ପଠାନ୍ତୁ ନାହିଁ କିମ୍ବା "ପ୍ରେରଣା" କୁ ପଠାଇଥିବା ଲେଖା ଅନ୍ୟ କୌଣସି ପତ୍ରିକାକୁ ପଠାନ୍ତୁ ନାହିଁ I
- ଲେଖା ଚୟନ କେବଳ ସମ୍ପାଦନା ମଣ୍ଡଳୀ ଦ୍ଵାରା ସ୍ଥିରୀକୃତ ହୋଇଥାଏ । ଲେଖକ/ଲେଖିକା ମାନେ ଏହା ଉପରେ କୌଣସି ଅଭିଯୋଗ ରଖିପାରିବେ ନାହିଁ I ଲେଖାଗୁଡିକ କୌଣସି ଧର୍ମ ବହିଃର୍ଭୂତ ତଥା ବିରୋଧୀ ତତ୍ତ୍ୱ ଉପରେ ଆଧାରିତ ନ ହେବା ଆବଶ୍ୟକ ।
- ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ଲେଖା ତଥା ଏହାର ୱେବସାଇଟ ରେ ପ୍ରଦତ୍ତ ତଥ୍ୟ ସମ୍ପାଦକଙ୍କ ଅନୁମତି ବିନା କୌଣସି ପତ୍ର-ପତ୍ରିକା ରେ ପ୍ରକାଶିତ ହେବା ଅପରାଧ ବୋଲି ବିବେଚନା କରାଯିବ I ସୁତରାଂ ଏଥି ନିମନ୍ତେ ସମ୍ପାଦକଙ୍କ ଠାରୁ ଲିଖିତ ଅନୁମତି ଆବଶ୍ୟକ I
- ଏହି ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଉଭୟ ପ୍ରକାଶକ ଏବଂ ଲେଖକ/ଲେଖିକା ମାନଙ୍କ ପାଖରେ ସର୍ବଦା ସରଂକ୍ଷିତ । ତେଣୁ ନିଜସ୍ୱ ଲେଖା କୁ ସୋସିଆଲ ମିଡିଆ/ନେଟୱର୍କରେ ପ୍ରଚାର ଏବଂ ପ୍ରସାର ନିମନ୍ତେ ସେୟାର୍ କରିବାର ସମ୍ପୂର୍ଣ ଅଧିକାର ପ୍ରିୟ ଲେଖକ/ଲେଖିକା ମାନଙ୍କର ଅଛି I

**ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା, ଲେଖକ/ଲେଖିକା ମାନଙ୍କର ନିଜସ୍ୱ ସୃଷ୍ଟି ହୋଇଥିବାରୁ ଯେକୌଣସି ବାଦାନୁବାଦ ପାଇଁ କେବଳ ଲେଖକ/ଲେଖିକା ମାନେ ଉତ୍ତରଦାୟୀ ରହିବେ Iଏଥିରେ ପ୍ରକାଶକ, ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ I**

# ସଂପାଦକୀୟ...

**ପ୍ରିୟ ସାହିତ୍ୟ ପ୍ରେମୀ,**

ଆଦିମ କାଳରୁ ମନୁଷ୍ୟ ସର୍ବଦା ନିଜ ସଭ୍ୟତାର ବିକାଶ ପାଇଁ ଚେଷ୍ଟାକରି ଆସିଛି । କାଳକ୍ରମେ ସେ ଆଜି ଆଧୁନିକ ଯୁଗରେ ପାଦ ଥାପିଛି । ସମୟ ବଦଳିବା ସହିତ ତାର ଜୀବନଯାପନ ଶୈଳୀରେ ମଧ ପରିବର୍ତ୍ତନ ଆସିଛି । ଆଜି ବିଜ୍ଞାନର ଦ୍ରୁତ ବିକାଶ ଫଳରେ ବହୁ ଅସମ୍ଭବ କାର୍ଯ୍ୟ ଅତି ସହଜରେ ହୋଇପାରୁଛି ।ଅନେକ ସୁବିଧା ସୁଯୋଗ ନିଜ ହାତ ପାଖରେ ମିଳୁଛି । ଏହି ସୁବିଧା ସୁଯୋଗ ଆଶାରେ ମନୁଷ୍ୟ ଆଜି ସହରାଭିମୁଖୀ ହେଉଛି । ତେଣୁ କ୍ରମଶଃ ଗ୍ରାମର ଲୋକସଂଖ୍ୟା କମିବାରେ ଲାଗିଛି । ହେଲେବି ମନୁଷ୍ୟକୁ ନିଜ ଗ୍ରାମର ସୌନ୍ଦର୍ଯ୍ୟକୁ ଭୁଲିଯିବା ଉଚିତ ନୁହେଁ, ନଚେତ୍ ଦିନେ, ଆଗାମୀ ମନୁଷ୍ୟ ପାଇଁ ଗ୍ରାମଜୀବନର ଅନୁଭୂତି ଯେ ଏକ ସ୍ୱପ୍ନରେ ପରିଣତ ହେବ ଏଥିରେ ସନ୍ଦେହ ନାହିଁ ।

ଦ୍ରୁତ ଶିଳ୍ପାୟନ ଜନିତ ଆଧୁନିକ ସଭ୍ୟତାକୁ ଆମଦେଶ ଭାରତ ଆବୋରି ବସିଥିଲେ ମଧ ଏହାର କଳା , ସଂସ୍କୃତି , ସାହିତ୍ୟ ଓ ଜୀବନଚର୍ଯ୍ୟା ବେଶ ଉନ୍ନତ ଓ ଉତ୍କୃଷ୍ଟ ।ଏଠି ଗ୍ରାମଜୀବନର ଅନୁଭୂତି ସତରେ ଭାରି ନିଆରା । ପ୍ରାକୃତିକ ପରିବେଶ ଦ୍ୱାରା ପରିବେଷ୍ଟିତ ଗ୍ରାମର ଅନେକ ଦୃଶ୍ୟ, ମନମୁଗ୍ଧକର । ଏହି ପଲ୍ଲୀର ଦୃଶ୍ୟ ବର୍ଣ୍ଣନାରେ କବିଙ୍କ ଲେଖନୀ ଚଳଚଞ୍ଚଳ ।

ସବୁଜ ଶସ୍ୟ-କେଦାରମାଳ ଶ୍ୟାମଳ ଇନ୍ଦୁ କ୍ଷେତ ।
ମଧୁ ହିଲୋଳେ ଖେଳୁଛି ସଦା ମୃଦୁ ଶୀତଳ ବାତ ॥
ମଧୁର ଅତି ଗୋଧୂଳି ମୂର୍ତ୍ତି ଅସ୍ତ ରବିର କର ।
ସ୍ୱର୍ଣ୍ଣ ପ୍ରଭାରେ ମଣ୍ଡିତ ତବ ଶ୍ୟାମଳ କଳେବର ॥

(ଅମର ଲତିକା)

ଋତୁରାଜ ବସନ୍ତ ଆଗମନରେ ପଲ୍ଲୀ ବା ଗ୍ରାମର ଶୋଭା ବହୁଗୁଣିତ ହୋଇଥାଏ I ପୌଷ ଓ ମାଘର ହାଡ ଭଙ୍ଗା ଶୀତର ପ୍ରଭାବ ଢେର କମିଯାଇଥାଏ I ଏହି ସମୟରେ ମଳୟ ପବନ ସାଥେ ଭାସିଆସେ କୋଇଲିର କୁହୁତାନ I ମୃଦୁ ମଳୟ ପବନ ତନୁମନରେ ଶିହରଣ ଆଣେ I ବୃକ୍ଷ ମାନେ ପତ୍ର ଝଡା ଦେଇ ପଲ୍ଲବିତ ହୁଅନ୍ତି I ଏହି ବସନ୍ତ ଋତୁ ବର୍ଣ୍ଣନାରେ କବିଙ୍କ ଲେଖନୀ ଆଜି ଜୀବନ୍ତ ହୋଇଉଠିଛି...

ବସନ୍ତ ବିଜୟ ବାରତା ମଳୟ
ମହୀରେ କଲା ପ୍ରଚାର I
ପିକ ବଧୂ-କଣ୍ଠେ କିଶଳୟ ପତ୍ରେ
ଅଭିନବ ଇସ୍ତାହାର II
ବକୁଳ କୁସୁମେ ରସାଳ ପାପଦ
ଦିଶଇ ଅତିସୁନ୍ଦର I
ବସନ୍ତ ରାଜାର ଶିରେ ଟେକି ସେ କି
ଢାଳଇ ଛତ୍ର-ଚାମର II

(ସଞ୍ଜୁକ୍ତା)

ବାରମାସରେ ତେରପର୍ବ ଗାଁ ସଂସ୍କୃତିରେ ହିଁ ଠିକ୍ ଭାବରେ ଉପଲବ୍ଧି ହୁଏ I ପାଲା, କୀର୍ତ୍ତନ, ଦାସକାଠିଆ ଓ ମେଳା ଆଦି ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ଏବେବି ଗ୍ରାମ ମାନଙ୍କରେ ମୁଖ୍ୟ ମନୋରଞ୍ଜନର ମାଧ୍ୟମ I ଏହା ଆମକୁ ଆମ ପ୍ରାଚୀନ ସଂସ୍କୃତି ସହ ଯୋଡି ରଖେ ଓ ମନରେ ଅଧ୍ୟାତ୍ମିକ ଚିନ୍ତାଧାରା ସୃଷ୍ଟିକରେ I

ବର୍ତ୍ତମାନର ବ୍ୟସ୍ତବହୁଳ ମନୁଷ୍ୟ କିଛି ମାତ୍ରାରେ ଗ୍ରାମ୍ୟଜୀବନ ପ୍ରତି ଆକର୍ଷିତ ହୋଇ ଏହାକୁ ଉପଭୋଗ କରିବା ଆବଶ୍ୟକ I ପରିଶେଷରେ ଗ୍ରାମର ଉନ୍ନତିରେ ହିଁ ଦେଶର ଉନ୍ନତି ସମ୍ଭବପର ଏହା ସମସ୍ତେ ଉପଲବ୍ଧ କରିବା ଉଚିତ I

**ଦେବୀ ପ୍ରସାଦ ସ୍ୱାଇଁ**

**ସମ୍ପାଦକ**

# ସୂଚୀପତ୍ର


| କ୍ର.ସଂ | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ପ୍ରାର୍ଥନା | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୧୨ |

## ପଦ୍ୟ ବିଭାଗ

| | | | |
|---|---|---|---|
| ୨. | ସୂର୍ଯ୍ୟ ପ୍ରତି | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୧୪ |
| ୩. | କବାଡି ବାଲା | ସୋନାଲୀ ପଣ୍ଡା | ୧୭ |
| ୪. | କବିର କବିତା କହେ | ଅବିନାଶ ବେହେରା | ୧୮ |
| ୫. | କଳ୍ପିତ ରଙ୍ଗଶାଳା | କାଜଲ ସ୍ୱାଇଁ | ୨୦ |
| ୬. | ହୁଏ ତ କାଲି ମୁଁ ନଥିବି | ଆଶିଷ କୁମାର ଗୌଡ଼ | ୨୧ |
| ୭. | କବିତାର ରାଣୀ | ସୋନାଲୀ ସ୍ୱାଇଁ | ୨୩ |
| ୮. | ସପ୍ତଶଯ୍ୟା | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୨୫ |
| ୯. | ଭାରତ ମାଆର ବ୍ୟଥା | ପ୍ରିୟଦର୍ଶିନୀ ମହାନ୍ତି | ୨୭ |
| ୧୦. | ତୁମେ ଆସିବା ପରେ | ସୌମ୍ୟ ରଞ୍ଜନ ସ୍ୱାଇଁ | ୨୯ |
| ୧୧. | ନିସଙ୍ଗ ପାଦପ | ହୃଦୟାନନ୍ଦ ପଧାନ | ୩୦ |
| ୧୨. | ସମୟ | ଅଲେଖ ଚନ୍ଦ୍ର ବେହେରା | ୩୩ |
| ୧୩. | 'ଅ' ରୁ 'ଆ' | ନୂତନ କୁମାର ବେହେରା | ୩୫ |
| ୧୪. | କନ୍ୟା କୁମାରୀ | ରାଧାମୋହନ ମିଶ୍ର | ୩୭ |
| ୧୫. | ନାରୀ ଶିକ୍ଷା | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୪୦ |

| କ୍ର.ସଂ | ବିଷୟ | ଲେଖକ | ପୃଷ୍ଠା |
|---|---|---|---|

## ଗଦ୍ୟ ବିଭାଗ

| | | | |
|---|---|---|---|
| ୧୬. | ମହିମାଧର୍ମ | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୪୪ |
| ୧୭. | ଗଣିତ ମାଷ୍ଟ୍ରେ | ସୋନାଲୀ ମହାଭୋଇ | ୪୯ |
| ୧୮. | ମୋ ପାପା ହିରୋ | ସୋନାଲୀ ସ୍ୱାଇଁ | ୫୨ |
| ୧୯. | ଜେଜେ | ରାଧାମୋହନ ମିଶ୍ର | ୫୪ |

# ପ୍ରାର୍ଥନା

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ଅଞ୍ଜଳି ପାତି ମାଗୁଚି ମୁଁ ପ୍ରଭୁ-
ଦିଅ ମୋତେ ଏଇ ଭିକ୍ଷା
ସକଳ ମଙ୍ଗଳ ସକଳ କଲ୍ୟାଣ-
ହେଉ ମୋ ଜୀବନ ଦୀକ୍ଷା ||
ରୋଗ-ଶୋକ ଜରା-ମୃତ୍ୟୁ ନିର୍ଯ୍ୟାତନା
ଦୂର ହେଉ ଭବୁଁ ଯାବତ ଯାତନା
ସୁନ୍ଦର ଏ ବିଶ୍ୱେ ଝରି ପଡୁ ତବ-
କରୁଣା ଆଲୋକ ଶିଖା |୧

ହିଂସା-ଈର୍ଷା ମହାକାଳ ହୁତାଶନ
ଧରଣୀ କୋଳୁଁ ହେଉ ଅବସାନ
ସକଳ ହୃଦୟ କରହେ ନିର୍ଭୟ-
ଦୂର ହେଉ ବିଭୀଷିକା |୨
ସ୍ୱାର୍ଥପରତାର ପ୍ରବଳ ପ୍ରୟାସ
ମାନବ-ହୃଦୟୁଁ କରହେ ବିନାଶ
ସକଳ ଜୀବନେ ଭରି ଦିଅ ପ୍ରେମ-
ଭକତିର ମହାଶିକ୍ଷା |୩

ଜହ୍ନିତଇଳା, ଢେଙ୍କାନାଳ

# ପଦ୍ୟ ବିଭାଗ

# ସୂର୍ଯ୍ୟ ପ୍ରତି

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ସର୍ବ ଶକ୍ତିର ଆଧାର ଆଦିତ୍ୟ ଦେବତା
ସାକ୍ଷାତେ ଜ୍ୟୋତିଃ ସ୍ୱରୂପ ବ୍ରହ୍ମାଣ୍ଡ କରତା ।
ଗଗନ ତଟ ଭାସ୍କର ତମଃ ଦମ୍ଭ ହର
ନମସ୍ତେ ବିଶ୍ୱଲୋଚନ ଦେବ ଦିବାକର ॥

ନିଦ୍ରିତ-ନିର୍ଜୀବ ବିଶ୍ୱ ଅନ୍ଧକାରମୟ
ପ୍ରାଚୀ ଦିଗ୍‌ବଳୟ କୋଳେ ହେଉ ତୁ ଉଦୟ ।
ଦଗ୍‌ଧ ଜମ୍ବୁନଦ କାନ୍ତି ବ୍ରାହ୍ମାଣ୍ଡ ଦ୍ୟୋତିକ
ଅନନ୍ତ ହିରଣ୍ୟଗର୍ଭ ବିଶ୍ୱ ପ୍ରକାଶକ ॥

ଅମର ଭୁବନୁ ସିଞ୍ଚି ସଞ୍ଜିବନୀ-ସୁଧା
ନିତ୍ୟ ଦେବ ଦାସୀ ଉଷା ପ୍ରବେଶେ ବସୁଧା ।
ପଲକେ ଉଠଇ ବିଶ୍ୱ ନବ ପ୍ରାଣ ଲଭି
ନବ ଜାଗରଣ ଡାକେ ଘେନି ନବ ଛବି ॥

ନର ପଶୁ-ପକ୍ଷୀ କୀଟ ସ୍ଥାବର ଜଙ୍ଗମ
ସର୍ବେ ଚାହିଁ ଥାନ୍ତି ତୋର ଶୁଭ ଆଗମନ ।
ଦିବ୍ୟାଲୋକେ ଜାଗି ସର୍ବେ ହୋଇ କର୍ମରତ
ଭୁଞ୍ଜୁଛନ୍ତି ସୁଖ ଦୁଃଖ ଫଳକୁ ନିରତ ॥

ତୋ କରେ ହୁଅଇ ନିତ୍ୟ ସଂତପ୍ତ ଧରଣୀ
ଶୁଖଇ ଦୁର୍ଗମ-ବର୍ଷା-କର୍ଦ୍ଦମ-ସରଣୀ ।

ନିଶାନ୍ତ-ଶିଶିର- ସିକ୍ତ-ଜରାଗ୍ରସ୍ତ ଧରା
ନବ ଶକ୍ତି ଲଭେ ତୋର ପଡି ତପ୍ତ ଖରା ॥

ନିଦାଘେ ପ୍ରଚଣ୍ଡ ରଶ୍ମି ଦାବାନଳ ସମ
ଆକୁଳିତ ଜୀବ ପ୍ରାଣ ଲାଗଇ ଗୀଷମ ।
ଆବିଳ ସଲିଳ କୃଶ ନଦୀ-ସରୋବର
ତପ୍ତଜଳ ଜନ୍ତୁ କୁଳ ହୁଅନ୍ତି ବିକଳ ॥

ଉତପ୍ତ ସଲିଳ-ବାଷ୍ପ ଘେନି ରୌଦ୍ରକରେ
ନୂତନ ଜଳଦ ମାଳା ସୃଜୁ ତୁ ଅମ୍ବରେ ।
ତୋ ଯୋଗେ ହୁଅଇ ଶସ୍ୟ-ଶ୍ୟାମଳା ଧରଣୀ
ବିଶ୍ୱେ ଅନ୍ନ-ଜଳ ଦାତା ତୁହି ଦିନମଣି ॥

ଭୂମି ଜଳ ଯୋଗେ ବୀଜ ହେଲେ ଅଙ୍କୁରିତ
ତୋ ତେଜ ବିନା କି କେବେ ହୁଏ ପଲ୍ଲବିତ ।
ଯେଉଁ ରୌଦ୍ରକର ନାଶେ ଜୀବର ଜୀବନ
ସେହି ରୌଦ୍ରକର ବିଶ୍ୱେ ଦିଏ ସଞ୍ଜୀବନ ॥

ପ୍ରଚଣ୍ଡ ତେଜସ୍ୱୀ ରବି ସହସ୍ର କିରଣ
ସପ୍ତାଶ୍ୱ-ସଂଯୁକ୍ତ ରଥେ କରୁ ତୁ ଭ୍ରମଣ ।
ବିଶ୍ୱରାଜ ତୁ ହି ଭ୍ରମୁ ବିଶ୍ୱହିତ ବ୍ରତେ-
ଏକୈଶ୍ୱର ପ୍ରଭୁ ପଣେ ଏକ ଚକ୍ର ରଥେ ॥

ତୋ ଯୋଗୁଁ ହୁଅଇ ଦିବା ରାତ୍ରି ଋତୁମାସ
ତୋ ବେନି ଅୟନେ ଏକ ବରଷ ପ୍ରକାଶ ।
ସନ୍ଧ୍ୟାକାଶେ ଦିବସକୁ କରୁ ତୁ ବିଭକ୍ତ
ତୋ ଯୋଗୁଁ ହୁଅଇ ଭବେ ସମୟ ନିର୍ଣ୍ଣୟ ॥

ମେରୁ ଗିରି ଅଙ୍ଗେ ତୋର ସୁବର୍ଣ୍ଣ-ମେଖଳା
ପ୍ରଦକ୍ଷିଣ କରୁଥାଉ ଦିବା ରାତ୍ରି ପରା ।
ତୋ ପ୍ରସାଦେ ଶୁଭ୍ରାଲୋକ ବିତରେ ଚନ୍ଦ୍ରମା
ତୋ ଯୋଗୁଁ ବିକଶେ ବିଶ୍ୱେ ସକଳ ସୁଷମା ॥

ବାରୁଣୀ ଗଗନେ ତୋର ଅସ୍ତମିତ ଶୋଭା
ତପ୍ତ ହେମ ସମ ବିଶ୍ୱ-ଜନ-ମନ ଲୋଭା ।
ପରଉପକାର ବ୍ରତେ କରି ନିତ୍ୟ କର୍ମ
ଦିବାଶେଷେ କରୁ ଦିବ୍ୟ ଆତ୍ମ ସଂଗୋପନ ॥

**ଜହ୍ନିତଇଳା, ଢେଙ୍କାନାଳ**

# କବାଡି ବାଲା

ସୋନାଲୀ ପଣ୍ଡା

ଭୋକିଲା ପେଟ ସାଙ୍ଗେ
ଭଙ୍ଗା ଦଦରା ଆଶା ସମ୍ଭାଳି
ଗାଁ ଗାଁ ହୋଇ ବୁଲୁଥାଏ
ସେଇ ଭଙ୍ଗା ଆଶା ଟି ରେ
ତା' ପେଟର ଭୋକ ଲୁଚିଯାଏ   I ୧

ହାଡଭଙ୍ଗା ଶୀତରେ ଥରି ଥରି
ଖଦଡିଆ ପାପୁଲିରେ ଅଳିଆ ମିଶା
ଖୁସି ସାଉଁଟିବାରେ ଲାଗିଥାଏ
ସେଇ ଅଳିଆ ଗଦାରେ ତା'
କାଲିର ସକାଳ ଖୋଜୁଥାଏ   I ୨

ସକାଳର ସୂର୍ଯ୍ୟ କିରଣ ସହ
ଘେନେଇ ଆସିଥିବା ଆଶା ଗୁଡିକ
ସନ୍ଧ୍ୟା ହଉ ହଉ ତରଳି ଯାଏ
ଆଖିର ବନ୍ଧ ବାଡ ଡେଇଁ
ଗାଲ ଡିଙ୍ଗେଇ,ଓଠ ବତୁରେଇ ଦିଏ   I ୩

ଆଜି ବି ଖାଲି ହାତରେ ତା' କୁ
ଫେରିବାକୁ ହୁଏ, ତା' ଦିନ
ଅଳିଆରେ ଆରମ୍ଭ ହୋଇ
ଅଳିଆରେ ସରିଯାଏ   I ୪

ପିପିଲି,ପୁରୀ

# କବିର କବିତା କହେ

ଅବିନାଶ ବେହେରା

କବିର କବିତା କହେ ଅନେକ କଥା,
କେବେ କେବେ ଶୁଖିଲା ପାଗରେ କରେ ବର୍ଷା,
ଶୀତୁଆ ସକାଳରେ ବୁହାଏ ଗରମ ପବନ,
ଉଦାସ ମନରେ ସଂଚାରେ ପୁଲକତା । ୧

କବିର କବିତା କହେ ସମାଜର ଗାଥା,
ପରିବର୍ତ୍ତନ ସ୍ୱରକୁ କରେ ପ୍ରତିଧ୍ୱନିତ,
କୁସଂସ୍କାର କୁପ୍ରଥା କରିବାକୁ ବିତାଡିତ,
ଦେଖାଏ ସମାଜକୁ ସୁପଥ ଦେଇ ବାର୍ତ୍ତା । ୨

କବିର କବିତା କହେ ମନର ଆବେଗକୁ,
ଜଣାଏ ଲୁଚି ରହିଥିବା ଆକୁହା କଥାକୁ,
ପ୍ରକାଶ କରେ ଅପ୍ରକାଶିତ ଭାବାବେଗକୁ,
ପ୍ରୟାସ କରେ ଅନ୍ୟ ମନେ ହସ ଫୁଟାଇବାକୁ । ୩

କବିର କବିତା କହେ ପ୍ରକୃତିର ସୁନ୍ଦରତା,
ଯାହା ମାଟି ମାଆର କୋଳେ ହୋଇଥାଏ ମଣ୍ଡିତ,
ଉପମା ଅଳଙ୍କାରେ ସଜାଇ ତାକୁ କରେ ଆଦୃତ,
ଦେଖିବାକୁ ଜନ ମାନସରେ ଭରିଦିଏ ଉତ୍ସୁକତା । ୪

କବିର କବିତା କହେ ପ୍ରେମର ଗଭୀରତା,
ପ୍ରେମ ଚିର ସତ୍ୟ,ଅନାଦି, ଅନନ୍ତ, ନିଶ୍ଚିତ,
କରେ ଉତ୍ସାହିତ ବିଭୁପ୍ରେମେ ହେବାକୁ ଆବୃତ,
ଦର୍ଶାଇ ସଂସାରର ଆବିଳତା,
ମୋହମାୟା ଛାଡି ପାଇବାକୁ ବ୍ରହ୍ମର ସତ୍ତା ।୫

କବିର କବିତା କହେ ଅତୀତର ସ୍ମୃତି,
ଭୁଲିଯାଇଥିବା ଐତିହ୍ୟ ସଂସ୍କୃତି,
ମନେପକାଇ ଥାଏ ନିଜର ସ୍ଥିତି,
ଫେରାଇ ଆଣି ଥାଏ ମନର ଦମ୍ଭୋକ୍ତି ।୬

କବିର କବିତା କହେ ଭବିଷ୍ୟତର କଥା,
ଅତୀତ,ବର୍ତ୍ତମାନକୁ କରି ବହୁ ସମୀକ୍ଷା,
ପ୍ରେରିତ କରେ ନେବାକୁ ମାନବ ଦୀକ୍ଷା,
ସମ୍ପର୍କର ଅର୍ଥକୁ ବୁଝେଇବାକୁ କରେ ଚେଷ୍ଟା ।୭

ସା/ପୋ:କୋହି, ଭାୟା:ଗଡିଆ,ଜିଲ୍ଲା:ମୟୂରଭଞ୍ଜ

# କଳ୍ପିତ ରଙ୍ଗଶାଳା...

କାଜଲ ସ୍ୱାଇଁ

ଭାବନା ର ଅନ୍ତରାଳେ ଭାବିବସେ ବେଳେବେଳେ
ଲେଖିବି କବିତା କିଛି ନିଆରା ଢଙ୍ଗରେ
ପ୍ରଣୟ ପ୍ରୀତି ର କିଛି କଥା କହିଦେବି
ତୁମ କାନ ପାଖେ ଆସି ଅସ୍ପଷ୍ଟ ସ୍ୱରରେ...

ପ୍ରେୟସୀ ରୁ ହେବି ତୁମ ପ୍ରିୟତମା
ସିନ୍ଥୀରେ ସିନ୍ଦୁର ପିନ୍ଧି ହେବି ସୀମନ୍ତିନୀ
କୁହୁକି ମାୟାରେ ସଜେଇବି ମହଲ ମୋ
ହୋଇଯିବି ତୁମ ବଧୂ ଜୀବନ ସଙ୍ଗିନୀ...

କଳ୍ପନା ରେ କଳ୍ପନା ରେ ଫୁଟେଇବି ପାରିଜାତ
ରଚିଦେବି ରଙ୍ଗଶାଳା ଗୋଟେ ରାତି ପାଇଁ
ପ୍ରୀତିର ଅବିର ବୋଳି ପ୍ରିତିରଙ୍କା ହୋଇ ତୁମେ
ଆବେଗରେ ମୋର ପାଶେ ଆସୁଥିବ ଧାଇଁ...

ଅନ୍ଧାରି ସେ ମହଲରେ ଘୁଙ୍ଗୁର ବାନ୍ଧିବି ପାଦେ
ପାଗଳିନୀ ପରି ମୁଁ ନାଚି ଯାଉଥିବି
ଅଧରେ ଅଧର ଦେଇ ତୁମ ମନ ନେବି ମୋହି
ଅଛି ଯେତେ ପ୍ରେମସୁଧା ତୁମ ପାଦେ ଅଜାଡ଼ିବି...

କୁହ ତୁମେ ଆସିବକି ସେ ନିର୍ଜନ ରାତିରେ
ମୋ କଳ୍ପିତ ରଙ୍ଗଶାଳା ର ଅତିଥି ଟେ ସାଜି
ପ୍ରେମ ଗୀତ ଗାଇ ଗାଇ ପ୍ରୀତିର ଗହନ ବନେ
ଉନ୍ମତ ପରାୟେ ଦୁହେଁ ଯାଉଥିବା ହଜି....

ଡେଲାଙ୍ଗ,ପୁରୀ

# ହୁଏ ତ କାଲି ମୁଁ ନଥିବି

ଆଶିଷ କୁମାର ଗୌଡ଼

ହୁଏ ତ କାଲି ମୁଁ ନଥିବି,
ଉଭେଇ ଯିବି ତମ କବିତାର ପଂକ୍ତିର
ଶବ୍ଦ ଈାନ ବସା ଘରେ
କମା , ପୂର୍ଣଚ୍ଛେଦ , ହଳନ୍ତ ବାଟ ଦେଇ ସବୁ
ମୋ ଆସିବାର ଯେ ନଥିବ
ହେଲେ ବି ତୁମେ
ଲେଖୁଥିବ ସମ୍ପର୍କ ର ଧାଡି ସବୁ
ମତେ ଫେରେଇବା ଆଶାରେ.....।।

ହୁଏ ତ କାଲି ମୁଁ ନଥିବି,
ଲୁଚିଯିବି ତମ ପାହାନ୍ତା ପହର
ଅନ୍ତିମ ସ୍ୱପ୍ନରେ
ଦୁସ୍ୱପ୍ନ ଆସି ତମ ନିଦ ଭାଙ୍ଗିଯାଇଥିବ
ହେଲେ ବି
ତୁମେ ଶୋଇବାକୁ ଚେଷ୍ଟା କରୁଥିବ
ସ୍ୱପ୍ନ ଦେଖି ମତେ ଖୋଜିବା ଆଶାରେ ...।।

ହୁଏ ତ କାଲି ମୁଁ ନଥିବି,
ଏଥର ତମେ ହଜିଯିବ
ମୋ ଦୃଷ୍ଟି ଆଢୁଆଳେ
ଇସାରା ଦେଉଥିବ ହେଲେ ମୁଁ ପାଉନଥିବି
ଚେଷ୍ଟା ସବୁ ପାଣି ପରି ମିଳେଇଯାଉଥିବ
ହେଲେ ବି ମୁଁ ବସିଥିବି
ଚାହିଁ ବସିଥିବି ତୋ ଫେରିବା ବାଟକୁ
ସେ ଚିତ୍ରିତ ଗଳି ର
ବିରହ ବତୀଖୁଣ୍ଟ ଆଗରେ.... ll

ଭାବିନୀପୁର, ବ୍ରହ୍ମପୁର

# କବିତାର ରାଣୀ

ସୋନାଲୀ ସ୍ୱାଇଁ

ଏ ମନଟା ନା,
ସତେ ଭାରି ଅବୁଝା
କେତେବେଳେ ଇଛା ହୁଏ ସେ ଦୂର ଆକାଶର
ଜହ୍ନ ସାଜିବାକୁ...
ତୁମକୁ ଛୁଇଁ ନ ପାରେ,
ଦୂରେ ଥାଇ ହସି ତ ପାରୁଥିବି...

ପୁଣି କେବେ ଭାବେ...
ପାଲଟି ଯିବାକୁ ଋତୁରାଜ ବସନ୍ତ
ତୁମକୁ ଦେଖି ନ ପାରେ...
ଦେହେ ତୁମ ବସନ୍ତର ସ୍ପର୍ଶ ତ ଦେଇପାରୁଥିବି...

କେବେ କେବେ ଇଛାହୁଏ...
ପାଲଟି ଯିବାକୁ ସେ ଚକୋଲେଟ୍ ଓ ଆଇସ୍କ୍ରିମ୍
ନ ଚାହଁ ପଛେ ...
ଅଜାଣତେ ଓଠ ତୁମ ସ୍ପର୍ଶ ତ ଦେଉଥିବ...

ପୁଣି କେବେ ଇଚ୍ଛା ହୁଏ...
ପାଲଟି ଯିବାକୁ ରଙ୍ଗୀନ ଗୋଲାପ
ହାତେ ନ ଧର ପଛେ...
ଦେଖି ସୌନ୍ଦର୍ଯ୍ୟର ବାଃ ବାଃ ତ କରୁଥିବ...

ଆଉ ସବୁଠୁ ବେଶୀ ଇଛା ହୁଏ...
ପାଲଟିଯିବାକୁ ତୁମ କବିତାର ଭାବନା
ତୁମେ ନ ଚାହଁ ପଛେ...
ମୁଁ ତ ହୋଇସାରିଥିବି ତୁମ କବିତାର ରାଣୀ...

ବୋରିକିନା, ଜଗତସିଂହପୁର

# ସପ୍ତଶଯ୍ୟା

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

(ସପ୍ତଶଯ୍ୟା କାବ୍ୟରୁ ଉଦ୍ଧୃତ .....)

ବାରବାଟୀ ଦୁର୍ଗେ ଜୀର୍ଣ୍ଣ ସୌଧମାଳ
ବହି କୃରକାଳ-ଚର୍ବିତ-କଙ୍କାଳ I
ଦେଖାନ୍ତି ପଥିକେ ଭବ-ଭଙ୍ଗୁରତା
ଜଣାଇଁ ଅଲଂଘ୍ୟ ନିୟତି-କ୍ଷମତା II

ବାହୁବଳେ ଜିଣି ଅବନୀ ମଣ୍ଡଳ
ତୋଳି ଥିଲେ ଯେହୁ ତ୍ରିତଳ ନିବର I
ନାହାନ୍ତି ସେ ନୃପ ନାହିଁ ତାଙ୍କ ପୁରୀ
କାହିଁଗଲା ବଳ-ବୀର୍ଯ୍ୟ-ବାହାଦୂରି II

ଅନ୍ୟର ହରେ ଯେ ଜୀବନ-ସର୍ବସ୍ୱ
ନ ଜାଣଇ ସେହୁ ନିଜେ କାଳବଶ I
ଆକର୍ଷୀ ଧରେ ଯେ ପରମୁଣ୍ଡବାଳ
ନ ଜାଣେ ଆକର୍ଷୁ ଅଛି ତା'କୁ କାଳ II

ଦାମ୍ଭିକ ପଣିଆଁ ନୁହେଁ ବଡପଣ
ଧାର୍ମିକ ପଣିଆଁ ଭବେ ଚିରନ୍ତନ I
ଭୟର ଜୟଟି ନୁହେଁ କେବେ ଜୟ-
ପ୍ରେମ ସିନା ଜିଣେ ମାନବ-ହୃଦୟ II

ଚିରକାଳ ପାଇଁ ଅଳିକ ମହିରେ
ରହିଛି କେ ପାଗବାନ୍ଧି ନିଜଶିରେ  ।
କ୍ଷଣ ପ୍ରଭାପ୍ରାୟେ ଜୀବନର ବିଭା
ଚାହୁଁ ଚାହୁଁ କ୍ଷଣେ ସରିଯାଏ ଦିବା  ।।

ସକଳେ ପ୍ରବାସୀ ଏ ଭବ-ଦୁଆରେ
କର୍ମଶେଷେ ଫେରିଯିବେ ନିଜ ଆଳେ  ।
ମାତ୍ର ଏକ ସତ୍ୟ ଏ ମିଥ୍ୟା ସଂସାରେ
ରହିଥିବ ନାମ କର୍ମ ଅନୁସାରେ  ।।

ତଥାପି ଅସ୍ମିତା ମୋହ ଆବରଣେ
ଭୁଲଇ ମାନବ ଅବାର୍ଯ୍ୟ ମରଣେ  ।
ପୋଷି ମାରାତ୍ମକ ଆତ୍ମ ଅଭିମାନ
ସମସ୍ତଙ୍କୁ ମଣେ ନିଜଠାରୁ ସାନ  ।।

**ଜହ୍ନିତଇଳା, ଢେଙ୍କାନାଳ**

# ଭାରତ ମାଆର ବ୍ୟଥା

ପ୍ରିୟଦର୍ଶିନୀ ମହାନ୍ତି

ମା' ମା' ବୋଲି ଯାହାକୁ ଡାକୁଛ...
ଜାତୀୟ ଦିବସେ ଧ୍ୱଜା ଉଡାଉଛ,
ଜୟ ଜୟ ଧ୍ୱନି ନଭେ କମ୍ପାଉଛ...
କେତେ ସେ ଅସହାୟ କେବେ ଦେଖିଛ !

ବକ୍ଷ ଚିରି କ୍ଷୀର ପି ମଣିଷ ହୋଇଛ..
ଯା' ପଣତ ତଳେ ଆଶ୍ରିତ ଅଛ,
ତା ଉପରେ ଘୃଣ୍ୟ ଦୃଷ୍ଟି ପକାଉଛ...
ଅମଣିଷ ସାଜି କ୍ଷତାକ୍ତ କରୁଛ ।

ଲାଞ୍ଛନା, ଲୁଣ୍ଠନ,ହତ୍ୟା ଭିଆଉଛ...
ପଶୁତୁଲ୍ୟ କର୍ମ କରି ବୀର ବୋଲୁଛ
'ବାଘ' ସମ୍ବୋଧନେ ଉତ୍ଫୁଲିତ ହୋଇ
ନିଶ ମୋଡି ଗର୍ବେ ଛାତି ଫୁଲାଉଛ ।

ମୋ ସବୁଜ ତନୁକୁ ରକ୍ତାକ୍ତ କରୁଛ..
ବିବସ୍ତ୍ର କରି ବାହାଦୁରୀ ମାରୁଛ,
ଅମାନୁଷିକ କାର୍ଯ୍ୟରେ ଲିପ୍ତ ରହି
ଭାରତ ଆମର ମାଆ ବୋଲୁଅଛ ।

ଲୋକ ଦେଖାଣିଆ କରି ଆଡମ୍ବର..
ସଭ୍ୟ ସମାଜର ଶିକ୍ଷିତ ବୋଲୁଛ,
କୁକର୍ମ ମାନ କରି ଆଜି ନିଜକୁ..
ଭାରତ ମାଆର ସନ୍ତାନ ବୋଲୁଛ ।

ସବୁ ମୁଁ ଦେଖୁଛି,ସବୁ ମୁଁ ଶୁଣୁଛି...
ସନ୍ତାନ ବୋଲି କ୍ଷମା ବି କରୁଛି,
କେବେ ବୁଝ ନାହିଁ ମା' କଣ ଚାହୁଁଛି..
ଭାରତ ମା' ଆଜି ବ୍ୟଥା ଜଣାଉଛି ।

ଭୁବନେଶ୍ୱର

# ତୁମେ ଆସିବା ପରେ

ସୌମ୍ୟ ରଞ୍ଜନ ସ୍ୱାଇଁ

ଶୀତରେ ଶିଶିର କେଡେ ମନୋହର,
ଶ୍ରାବଣେ ବରଷା ଝରି ।
ଜୀବନେ ଭରିଲ ଅସୁମାରୀ ଖୁସି
କେହି ନାହିଁ ତୁମ ପରି ॥

ତୁମେ ତ ଆସିଲ ଜୀବନକୁ ମୋର
ଇନ୍ଦ୍ରଧନୁ ରଙ୍ଗ ନେଇ ।
ଜୀବନେ ଲାଗିଲା ଖୁସିର ମେଳଣ
ଲୁହ ତ ଗଲା ଦୁରେଇ ॥

ମନ ଉପବନେ ଗାଉଛି କୋଇଲି
ପ୍ରେମ ଗୀତ ସାତସୁରେ ।
ନିଦୁଆ ଆଖିରେ ସ୍ୱପ୍ନର ସମ୍ଭାର
ତୋ ପାଇଁ ମୋ ସାଥିରେ ॥

ତୁମେ ଯେବେ ଚାହଁ ରାଗିପାର ମୋତେ
କରିପାର ଅଭିମାନ ।
ଛାଇଟିଏ ହୋଇ ରହିବି ତୁମର
ଥିବା ଯାଏଁ ମୋ ଜୀବନ ॥

ବରୀ,ଯାଜପୁର

# ନିସଙ୍ଗ ପାଦପ

ହୃଦୟାନନ୍ଦ ପଧାନ

ପାଦପ ମୁଁ କେତେ ନିସହାୟ
ଆଜି ମୋ ନିକଟେ କେହିନାହିଁ
ଦୁରେଇ ଯାଇଛନ୍ତି ସମସ୍ତେ
ନିସଙ୍ଗ ନିସଙ୍ଗ ଏକା ମୁହିଁ,

ଦିନଥିଲା ମୋ ବକ୍ଷ ପଞ୍ଜରେ
ଏଇ ମାନବ ବାନ୍ଧି ଥିଲା ବସା
ମୋ ଶରୀର ବିଦିର୍ନ କରି
ମୋ ଉପରେ କରିଥିଲା ଆସ୍ଥା,

ଖଣ୍ଡ ଖଣ୍ଡ ଡାଳତରୁ ଛିଣ୍ଡାଇ
ମୋ ହୃଦୟରେ କରିଥିଲା ମଞ୍ଚା
ଅନଳ କୁ ଚିହ୍ନି ନ ଥିଲା
ପ୍ରାଣୀ ମାଂସ ଖାଉଥିଲା କଞ୍ଚା,

ଅକସ୍ମାତେ ଦିନେ ବିପିନେ
ମୋ ବକ୍ଷେ ଘଷି ସୃଷ୍ଟି ହେଲା ନିଆଁ
ଜୀବଜନ୍ତୁ ଦଗ୍ଧିଭୁତ ହେଲେ
ନଷ୍ଟହେଲା ବୃକ୍ଷ ରାଜି କିଆଁ,

କି କରାଳ କି କରାଳ ସୃଷ୍ଟିହେଲା ଧ୍ୱଂସ
ଧରାପୃଷ୍ଠେ ବ୍ୟାପିଗଲା କେତେ ରକ୍ତମାଂସ
କିଛିକ୍ଷଣେ ଶାନ୍ତହେଲା ଜନନୀର ବକ୍ଷ

ତା ସନ୍ତାନେ ବର୍ତ୍ତିଯାଇ ପାଇଲେ ଆଲୋକ
ସେ ଦିନଠୁ ଶିଖିଛି ସେ ଅନଳର ପ୍ରୟୋଗ
ସୁଷମ ସୁସ୍ୱାଦୁ ଖାଏ ବାରମ୍ବାର କରି ଉପଭୋଗ,

କ୍ଷୁଧା ନିବାରଣ ପାଇଁ ଜୀବନେ
ଦେଉଥିଲି ଫଳମୂଳ ସାଦରେ
କଦାପି କରିନି ଦ୍ୱିଧା କି
ବାଧା କାର୍ଯ୍ୟ କଳାପରେ,

ହୁତାସନ ଶିଖା ପରି ଯେବେ
ଉପଗତ ଗ୍ରୀଷ୍ମ କାଳ
ଦିଏ ସୁଶିତଳ ଛାୟା
ତଳେ ସପରୁପି ଶ୍ୟାମଳ,

ଚକ୍ଷୁ ଚମକାଇ ଯେବେ
ଆସେ ଜଳଦ କାଳ
ବଞ୍ଚିଯାନ୍ତି ଏ ମାନବେ
ଗୃହେ ନ ଭିଜି ଜଳ,

ହାଡ ଭଙ୍ଗା ଶୀତ ଯେବେ
ମର୍ତ୍ତେ ଓହ୍ଲାଇ ଆସେ
ମୁଁ ସାହାଯ୍ୟ କରେ ତାଙ୍କୁ
ଅଗ୍ନି କଣା ରୂପେ
ସେ ଆଜି ଉନ୍ନତ ତର
ଭୁଲି ଗଲାଣି ମତେ,

ତାର ପ୍ରୟୋଜନ ନାହିଁ
ମୋର କୌଣସି ସମ୍ପଦେ
ନ ଚାହେଁ ସେ ଜାଳେଣି
ପାଇଁ କାଠ କି ପତର
ସେ ହେଲାଣି ଉନ୍ନତତର
ପ୍ରୟୋଗ ଗ୍ୟାସୀୟ ତରଳତର,

ଅବା ଗ୍ରୀଷ୍ମ ଅବା ବର୍ଷା
ଅଥବା ଶୀତ ଦିନ ବେଳେ
ଏ ଉନ୍ନତତର ଜୀବ ରହେ
ନିଜସ୍ୱ ଏ.ସି ସ୍ଥଳେ
କେତେ ଭଲ ପାଉଥିଲି
ପ୍ରଣୟୀନି ପ୍ରେମିକ ପରିକା
ଧୋକା ଦେଇ ଚାଲିଗଲା
ନିଘଞ୍ଚ  କାନନେ ଏକା,

ମୁହିଁ ବୃକ୍ଷ ମୁହିଁ ତରୁ
ମାନବ ମୋ ଆନ୍ତରଙ୍ଗ ବନ୍ଧୁ
ଭୁଲିନି କି ଭୁଲି ପାରିବିନି
ଧ୍ୱଂସ ଗଲେ ମହି ସିନ୍ଧୁ
ମାତ୍ର ଆଜି ମୁଁ ନିସଙ୍ଗ
କେହି ନାହିଁ ମୋ ସମିପେ
କେତେ ହତଭାଗା ମୁହିଁ
ହେ ପ୍ରଭୁ ! କେଉଁ ଅଭିଶାପେ ?

ଅମରପାଲି, ବିରମହାରାଜପୁର
ସୁବର୍ଣ୍ଣପୁର

# ସମୟ

ଅଲେଖ ଚନ୍ଦ୍ର ବେହେରା

କେବେ ଅମା ଅନ୍ଧକାର ,
କେବେ ଜହ୍ନ ପୂର୍ଣ୍ଣିମାର ,
କେବେ ଅସରନ୍ତି ସ୍ୱର ,
କେବେ ନିଶବ୍ଦ ହାହାକାର !
କୁହ ସମୟ ତୁମେ କାହାର... (୧)

ଦିନେ ମଳୟର ଛୁଆଁ ,
ଦିନେ ବୈଶାଖର ନିଆଁ ,
ଦିନେ ଉଲ୍ଲସିତ ମନ ,
ଦିନେ ରୁଧିରା ନୟନ ,
କେବେ ଦିନେ ନିର୍ଘୋଷ ହୁଙ୍କାର !
କୁହ ସମୟ ତୁମେ କାହାର... (୨)

ତୁମେ ଅତୀତ ସ୍ଥପତି ,
ତୁମେ ବର୍ତମାନ ସ୍ମୃତି ,
ତୁମେ ପୂର୍ଣ୍ଣ ଆବାହ ମାନ ,
ତୁମେ ଅର୍ଧଦଗ୍ଧ ସ୍ଥାନ ,
କେବେ ତୁମେ ନିଶ୍ଚିର୍ଣ୍ଣ ସମ୍ଭାର !
କୁହ ସମୟ ତୁମେ କାହାର ......(୩)

କାହା ପ୍ରେମ ହୃଦୟର,
କାହା ଯନ୍ତ୍ରଣା ଝଙ୍କାର,
କାହା ଅଷ୍ଟରତ୍ନ ମାଳା ,
କାହା ଦେହ ଭସ୍ମ ବୋଳା,
କେବେ କାହା ବାଟ ମଶାଣିର!
କୁହ ସମୟ ତୁମେ କାହାର.... (୪)

ଏକ ଅଭିଶପ୍ତ ସତ୍ୟ,
ଏକ ଅବିରାମ ରଥ,
ଏକ ସର୍ବଲିପ୍ତ ସତ୍ତ୍ୱ,
ଏକ ନିର୍ଲିପ୍ତ ଅସ୍ତିତ୍ୱ,
କେବେ ଏକ କଳ୍ପିତ ସୃଙ୍ଗାର !
କୁହ ସମୟ ତୁମେ କାହାର..... (୫)

ଏକ ସର୍ବ ସତ୍ତା ସାକ୍ଷୀ,
କାହା ପ୍ରତାରଣା ଆଖି,
ତୁମେ ଅନ୍ତିମ ବୈଶାଖୀ,
ଦିନେ ଶୂନ୍ୟ ବିଶ୍ୱରୂପୀ,
କେବେ ଦିନେ ତୁମେ କାହାର ହାର !
କୁହ ସମୟ ତୁମେ କାହାର.... (୬)

ଅଙ୍ଗାରବନ୍ଧ, ଅନୁଗୁଳ

# 'ଅ' ରୁ 'ଆ'

ନୂତନ କୁମାର ବେହେରା

ଅନ୍ଧାର ଆଲୁଅର ଚକା ଭଉଁରୀ
ଖେଳ ଚାଲିଛି ଜଗତେ ଯଥାଯଥ,
ଅନ୍ଧାରାରୁ ଆଲୁଅକୁ ମାଡି
ଯିବା ପାଇଁ ଅଛି ଜୀବନ ପଥ ।
ଅନ୍ଧାରକୁ ନାଶି ଆଲୁଅରେ ଗତି
କରିବା ଅଟଇ ସାଧନାର ସୁପଥ,
ଅୟଂ ଆରମ୍ଭରୁ ନିରବଚ୍ଛିନ୍ନ ଭାବେ
ଏକାଗ୍ରତେ ସାଧିବା ଅଟେ ଶପଥ ।
ଅନ୍ଧାରରେ ଅଛି ଲୋଭ ମୋହ
ମାୟା ମଦ ମାଂସ ମସ୍ୟ,
ଅପଥେ ନେଇ ଭରି ଦିଏ ଦୁଃଖ
ପାଏନା ସେ ପାର୍ଥିବ ଐଶ୍ୱର୍ଯ୍ୟ ।
ଅସାର ଯେତେକ କ୍ଷଣିକ ପାଇଁ
ସତ୍ୟ ଶାନ୍ତି ସନ୍ତୋଷର ବାଧକ,
ଅମାନ୍ୟ କଲେ ତାର ଶାସ୍ତି
ବିପଦ ରୂପେ ମିଳେ ଅନେକ ।
ଅନ୍ଧାର ଏଡି ଦେଇ ଆଲୁଅକୁ
ବରି ନେଲେ ଅଛି ଯେ ପ୍ରକାଶ,
ଅନ୍ଧ ନ ହୋଇ ଆଲୁଅରେ ଦେଖ
ସୁଖ ଶିରୀ ଭରା ସଂସାରର ମଧୁ ହସ ।
ଅନିତି ଅନ୍ୟାୟ ଅବିଚାର
କରି କିଏ ଅରଜିଛି ଯଶ ଗଉରବ ?

ଅତିରୁ ଇତି ହେବାର କେତେ ଦୃଷ୍ଟାନ୍ତ
ଆଜି ଇତିହାସ ଦିଏ ତାର ଜବାବ ।
ଅନ୍ଧାର ଆଲୁଅର ଏ ସଂଘର୍ଷ
ଚିରକାଳ ଚାଲିଛି ଚାଲିଥିବ ପୁଣି,
ଅନ୍ଧାରର ଅନ୍ଧାରେ ହଜି ଯାଏ ସିଏ
ଯିଏ ଅହଂକାର ନିଜ ପାରେନା ଜାଣି ।
'ଅ' ରୁ 'ଆ'କୁ ନ ଯିବା ପର୍ଯ୍ୟନ୍ତ
ଜୀବନ ଯାକ ଲାଗି ରହିଥାଏ ସମସ୍ୟା,
ଅବିଳମ୍ବେ ତାର ସମାଧାନ କରେ
ଜନ୍ମ ଜନ୍ମାନ୍ତର ନିଷ୍ଠାପର ତପସ୍ୟା ।
'ଅ'ର ଅନ୍ଧାରକୁ 'ଆ'ର ଆଲୋକ
ପରାଜିତ କରୁଅଛି ଯୁଗେ ଯୁଗେ,
ଅକର୍ମା ଆଳସ୍ୟତାରେ ହୋଇ ବଶ
ନିଜ ଭବିଷ୍ୟତ ଦେଖି ପାରେନା ଆଗେ ।

**କୋହି,ଗଡିଆ,ମୟୂରଭଞ୍ଜ**

# କନ୍ୟା କୁମାରୀ

ରାଧାମୋହନ ମିଶ୍ର

ତୋ ଚେହେରା ରଙ୍ଗ ଭଲ ଲାଗେ ବୋଲି

ବେଳେ ବେଳେ ମୁଁ ବସି ଭାବେ ।

କେମିତି ମୁଁ ତତେ ଭଲ ବା ପାଇବି

କୁଆଁରୀ ଝିଅ ତୁ ଏବେ ।

କୁଆଁରୀ ମାନେ ତ କଢିର ପ୍ରତୀକ

ଛୁଇଁବା ତାହାଙ୍କୁ ପାପ ।

ମା କହୁଥିଲେ କଢି ତୋଳି ଦେଲେ

ଲାଗେ କାଳେ ଅଭିଶାପ ।

ଆଜିର କଢିଟୁ କାଲିକୁ ଫୁଟିବୁ

ହେଇଯିବୁ ଯେବେ ଫୁଲ ।

କେଉଁ ଦେବତାଙ୍କ ପାଦରେ ଲାଗିବୁ

ରହିଥା ଅମୁଲ ମୂଲ ।

ଧନ୍ୟ ତୋର ମାଟି ଧରିଛି ଯେ ତତେ

ଧନ୍ୟ ମାଳି ଜଗୁଆଳି ।

ପବିତ୍ରତା ପାଇଁ କରୁଛି ପ୍ରଣାମ

ନଲାଗୁ ତୋ ଦେହେ ଧୂଳି ।

ନଲାଗୁ ତୋ ଦେହେ ଟାଣ ବର୍ଷା ଖରା

ହେବ ତତେ କାଳେ କଷ୍ଟ ।

ଛୁଇଁବାର ସୁଖ ଉଭେଇ ଯିବ ମୋ

ହେଇ ଯିବୁ ଯଦି ନଷ୍ଟ ।

ଧୋଇ ଧାଇ ଦେଲେ ସୁନାପୁଅ ମାନେ

ପିତଳ ମାଠିଆ ପରା ।

ଭାବିବୁନି କେବେ ଧୋଇ ହବା ପାଇଁ

ଫୁଲ ଧୋଇ ଦେଲେ ମାରା ।

ମିଛ ନଷ୍ଟ ପାପ ମାରା ଆଉ ସବୁ

ଅଭିଧାନରେ ଅସ୍ପଷ୍ଟ ।

ପାପ ଘୃଣା ସବୁ ମିଳିମିଶି ତାକୁ

ଦଉଛନ୍ତି ଭାରି କଷ୍ଟ ।

ଫୁଲ ହୋଇ ଯେବେ କେଉଁ ଦେବତାର

ଗଳାରେ ଲମ୍ବିବୁ ଯାଇ ।

ତୋ ଆତ୍ମା ଅନ୍ତର ବାହୁନି କାନ୍ଦିବ

ତୋ ଅତୀତ ଭୁଲ ପାଇଁ ।

ତୁ ପରା ଗଢିବୁ ନୂଆ ଭବିଷତ

ନୂଆ ସୃଷ୍ଟି ସବୁ କରି ।

କେମିତି ସହିବୁ ତୋର ସରଜନା

ଯିବୁ ଯଦି ବାଟ ହୁଡି ।

ସ୍ରଷ୍ଟାଙ୍କୁ ସମ୍ମାନ ସୃଷ୍ଟିକୁ ଶାସନ

କରିବାକୁ ଜିଦି ମନ ।

ଏବେଠାରୁ କଢି ରହିଲା ସନ୍ତର୍ପେ

ଛାଡି ବୃଥା ଅଭିମାନ ।

ସତୀ ପାଇଁ ଶତ ଅସୁବିଧା ଆସେ

ଚନ୍ଦ୍ର ସୂର୍ଯ୍ୟ ପରି ସତ ।

କଷ୍ଟ ନ ସହିଲେ ମିଳନ୍ତି କି କୃଷ୍ଣ

ମନ୍ଦିରେ ଉଡନ୍ତା ନେତ ।

ରଣପଶି,ଢେଙ୍କାନାଳ

# ନାରୀ ଶିକ୍ଷା

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ପତିସେବା ବିନା ତୀର୍ଥ ଦରଶନ
ବିଫଳ ହୁଅଇ ସିନା ।
ଯେତେଭଲ ହେଉ ସତୀ ନ ବୋଲାଏ
ନାରୀ ପତିସେବା ବିନା ।
ଶତ ଅଶ୍ୱମେଧ- ଯଜ୍ଞ ଫଳ ମାନ
ଅଛି ପତିସେବା ମୂଳେ ।
ନ ଜାଣି ଜଗତ- ନାରୀମାନେ ବୃଥା
ପଶନ୍ତି ଦିଅଁ ଦେଉଳେ ।
ପତିଙ୍କର ପ୍ରୀତି ନ ଥାଏ ଯହିଁରେ
ଯେ କରଇ ସେହି କର୍ମ ।
ଅତି ପାପାଚାରୀ ଅଟଇ ସେ ନାରୀ
ଛାଡଇ ତାହାକୁ ଧର୍ମ ।
ନିରନ୍ତରେ ପତି ସନ୍ତୋଷ ଲଭନ୍ତି
ଦେଖି ଯା' ବ୍ୟବହାର ।

ଧନ୍ୟ ସେହି ନାରୀ ସତୀତ-ନାବରେ
ଭବ ସିନ୍ଧୁ ହୁଏ ପାର ।
ପତିଙ୍କୁ କରଇ ଅନାଦର ଯେହୁ
ପରେପୁରୁଷରେ ମାତି ।
ମହାକୁଷ୍ଠ ବ୍ୟାଧି ହୁଅଇ ତା ଦେହେ
କାନ୍ଦୁଥାଏ ଦିନରାତି ।
ପତିଙ୍କୁ ଡରାଇ କ୍ରୋଧେ ଯେଉଁ ନାରୀ
ଶୁଅଇ ସ୍ଵତନ୍ତ୍ର ଶେଯେ ।
ମଲେ ଆର ଜନ୍ମେ ପତିହୀନା ହୋଇ
ସନ୍ତାପି ହୁଅଇ ସେ ଯେ ।
ବୃଦ୍ଧ,ରୁଗଣ,ଅନ୍ଧ କୁରୂପ ବୋଲି ଯେ
ସ୍ଵାମୀଙ୍କୁ କରଇ ହେଳା ।
ଜନ୍ମାନ୍ତରେ କେବେ ନ ଲଭେ ସେ ନାରୀ
ଉପଯୁକ୍ତ ପତି-ଭେଳା ।
ପତି ଦଣ୍ଡ ଦେଲେ ନିରବେ ନ ସହି
ଯେ ନାରୀ ଦିଅଇ ଗାଳି ।

ମଲେ ଆର ଜନ୍ମେ ଖନୀ ହୋଇ ସେ ତ
ନ ପାରଇ ଜିଭ ଚାଳି ।
ପତିନିନ୍ଦା ଗାଏ ପର ଆଗେ ଯେ ହୁ
ସାମାନ୍ୟ ଅପରାଧରେ ।
ମଲେ ସେ ବାଦୁଡି ଜନ୍ମ ଲାଭ କରି
ଝୁଲଇ ବୃକ୍ଷ ଡାଳରେ ।
ଅବିଶ୍ୱାସୀ ନାରୀ ପର ହାତେ ଯେବେ
ପତିଙ୍କୁ ଦିଏ ଧରାଇ ।
ଯମଦୂତେ ବାନ୍ଧି ନର୍କ କୁଣ୍ଡେ ତାକୁ
ମାରନ୍ତି ନିତି ବୁଡାଇ ।
ରୋଗ ଶଯ୍ୟାଶାୟୀ ପତିଙ୍କୁ ନ ସେବି
ସାଧଇ ଯେ ପୂର୍ବ ଦାଉ ।
ମଲେ ପ୍ରତ୍ୟକ୍ଷରୁ ବିଷ୍ଠା ଖାଉ ଥାଏ
ହୋଇଣ ଡାମରା କାଉ ।
ପତି ପାଦେ ହାତ- ନ ବଜାଇ ଯା'ର
ଶୁଅଇ ଅଳସ ଭରେ ।
ମଲେ ଗୋଧି ସାପ ଜନ୍ମ ଲଭି ସେହି
ଲୁଚଇ ବୃକ୍ଷ କୋଟରେ ।

**ଜହ୍ନିତଇଳା, ଢେଙ୍କାନାଳ**

# ଗଦ୍ୟ ବିଭାଗ

# ମହିମାଧର୍ମ

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ଆଜିର ସମାଜରେ ଚୋରୀ-ଡକାୟତି,ମଦ୍ୟ-ମାଂସ ଭୋଜନ,ନାରୀ ନିର୍ଯ୍ୟାତନା,ନାରୀ ଧର୍ଷଣ,ଆତଙ୍କବାଦ ପ୍ରଭୃତି ବହୁ ଦୁର୍ନୀତି ଓ ଭ୍ରଷ୍ଟାଚାର ବ୍ୟାପୀ ଯାଇଛି । ନୈତିକତାର ସ୍ଖଳନ ଏହାର ଏକମାତ୍ର ମୂଳ କାରଣ ଅଟେ । ଏହି ନୈତିକତାର ଜୟଗାନ କରି ମହିମାଧର୍ମ ସମାଜ ପାଶ୍ୱରେ ଦଣ୍ଡାୟମାନ ହୋଇଛି । ଏହା ସବୁଶ୍ରେଣୀର ମାନବ ଗଣ ଜାଣିବା ଉଚିତ୍ ।

ଗୈରିକ ବସନ ପରିଧାନ ମହିମାଧର୍ମରେ ସର୍ବାଦୌ ଗ୍ରହଣୀୟ ହୋଇଅଛି । ଏହା ନିରାଡମ୍ବର ଓ ତ୍ୟାଗର ପ୍ରତୀକ ଅଟେ । ଲଜ୍ୟା ନିବାରଣ ତଥା ଶୀତେଷ୍ମ ପ୍ରଭାବରୁ ଶରୀରକୁ ରକ୍ଷାକରିବା ପାଇଁ ବସ୍ତ୍ରର ଆବଶ୍ୟକତା ହୁଏ । କେବଳ ଶରୀର ସୁନ୍ଦର ଦିଶିବା ପାଇଁ ନୁହେଁ । ଗୈରିକ ବସନ ଅଳ୍ପ ମୂଲ୍ୟରେ କ୍ରୟ ହେତୁ ଧନର ଅଭାବ କେତେକାଂଶରେ ହ୍ରାସ ହୋଇଥାଏ । ମାତ୍ର ମୂଲ୍ୟବାନ ବସ୍ତ୍ର ପିନ୍ଧିବା ଦ୍ୱାରା ନିରାଡମ୍ବର ଓ ତ୍ୟାଗର ପ୍ରଶ୍ନ ଆଦୌ ଉଠେ ନାହିଁ ।ଅଧିକ ଅର୍ଥ କ୍ରୟ ପାଇଁ ଆବଶ୍ୟକ ହୁଏ ।ଆଜିର ନାରୀମାନେ ଏହି ମୂଲ୍ୟବାନ ସୂକ୍ଷ୍ମବସ୍ତ୍ର ପରିଧାନ କରୁଛନ୍ତି ମାତ୍ର ସମାଜରୁ ନଗ୍ନତା ଦୂର ହେଉ ନାହିଁ । ସ୍ୱାଭିମାନ ଆକାଶଛୁଆଁ ହେଉଛି । ଭବିଷ୍ୟତ କବିବାଣୀ କହେ-

ଦୁଃଶାସନ ପ୍ରାୟେ ହେବ କଳିଯୁଗ
ଫେଡିବ ଦ୍ରୌପଦୀ ବାସ ।
ରୂପ ଅନଳରେ ପଡିଣ ସକଳେ
ଆପେ ହୋଇଯିବେ ନାଶ ।

(ନାରୀଶିକ୍ଷା କାବ୍ୟରୁ ଉଦ୍ଧୃତ.. )

ତେଣୁ ଆଡମ୍ବର ବେଶଭୂଷାରୁ ଉଦାସୀନ ରହି ଗୈରିକ ବସ୍ତ୍ର ପରିଧାନ କରିବା ପାଇଁ ମହିମାଧର୍ମ ସମାଜକୁ ଶିକ୍ଷା ଦେଉଅଛି ।

ଆହାର ମଧ୍ୟରେ ମଦ୍ୟ,ମାଂସ,ଅଣ୍ଡା ପ୍ରଭୃତି ମହିମାଧର୍ମରେ ବର୍ଜନୀୟ ଅଟେ । ଏହା ସେବନ ଦ୍ଵାରା କ୍ରୋଧ, ହିଂସା, ପ୍ରଭୃତି ଉତ୍ତେଜନା ମନରେ ଉଦ୍ରେକ ହୁଏ । ମଦ୍ୟପାନ ଦ୍ଵାରା ଅଶ୍ଳିଳତା ପ୍ରକାଶ ହେବା ସ୍ୱାଭାବିକ । ଆଗେ ନିମ୍ନଶ୍ରେଣୀର ଲୋକେ ବିବାହାଦିରେ ମଦ୍ୟ-ମାଂସ ବ୍ୟବହାର କରୁଥିଲେ । ଅଧୁନା ଭଦ୍ର ସମାଜ ବିବାହାଦିରେ ମଦ୍ୟ-ମାଂସ ବ୍ୟବହାର କରୁଛନ୍ତି । ଏହା ସମାଜର ପ୍ରଗତି ନୁହେଁ, ଧର୍ମହାନି ଯୋଗୁଁ ଅଧୋପତନର ଅମଙ୍ଗଳ ସୂଚନା ମାତ୍ର ।

ମଦ୍ୟ-ମାଂସେ ଭୋଳ ହୋଇଛି ଆଜି ସାରା ଦୁନିଆଁ  
ଧରମ ଶାସ୍ତ୍ରର ବୁକୁରେ ଜାଳି ଦେଇଛି ନିଆଁ ॥

(ସ୍ୱକୃତ ରଚନାରୁ...)

ମହିମାଧର୍ମରେ ଦାମ୍ପତ୍ୟ ଜୀବନ ମଧୁମୟ ହେବାପାଇଁ ଉପଦେଶ ମାନ ଦିଆଯାଇଛି ।ସନ୍ଥ ଭୀମଭୋଇଙ୍କ ଭାଷାରେ ଏହାକୁ ଯତି-ସତୀ ନିୟମ ବୋଲି କୁହାଯାଇଛି । ଆଦର୍ଶ ନାରୀ ଓ ଆଦର୍ଶ ପୁରୁଷର ଭୂମିକା ନେଇ ତାହା ଗଢି ଉଠିଛି । ଋତୁକାଳ ବ୍ୟତିତ ପୁରୁଷର ନାରୀ ସହବାସ ଅବିଧେୟ । ପତିସେବା ବ୍ୟତିତ ସତୀନାରୀର ଅନ୍ୟ ଉଷା-ଉପବାସ ନାହିଁ । ପତି ହିଁ ତା'ର ପରମ ଦେବତା, ଏଥିରେ ନାରୀ ନିର୍ଯ୍ୟାତନା କିମ୍ବା ନାରୀ ଧର୍ଷଣର ପ୍ରଶ୍ନ ଆଦୌ ଉଠୁନାହିଁ ।

ସତ୍ୟ ମହିମାଧର୍ମରେ ଘୃତାହୁତି(ଯଜ୍ଞ)ର ବିଧି ଅଛି । ଏହା ସମଗ୍ର ତଥା ସମସ୍ତ ଜୀବମାନଙ୍କର ହିତ ସାଧନପାଇଁ ଉଦ୍ଦିଷ୍ଟ ଅଟେ ।

"ଯଜ୍ଞାଭବତି ପର୍ଯନ୍ୟୋ ପର୍ଯନ୍ୟାଦନ୍ନ ସମ୍ଭବଃ"(ଗୀତା)

ଯଜ୍ଞରୁ ମେଘର ସୃଷ୍ଟି ହୁଏ ଏବଂ ମେଘଜଳଦ୍ୱାରା ପ୍ରାଣୀମାନଙ୍କ ପାଇଁ ଖାଦ୍ୟ-ଶସ୍ୟ,ଅନ୍ନ ଆଦି ମିଳିବା ସମ୍ଭବପର ହୋଇଥାଏ I ତେଣୁ ସୃଷ୍ଟିର ମଙ୍ଗଳ ପାଇଁ ମହିମାଧର୍ମର ଅଭ୍ୟୁଦୟ କହିଲେ ଅତ୍ୟୁକ୍ତି ହେବ ନାହିଁ I

ସତ୍ୟ ମହିମାଧର୍ମର ସତ୍ୟାଚରଣ ଆଭିମୁଖ୍ୟ ଅଟେ I ସତ୍ୟକୁ ଓତପ୍ରୋତଭାବେ ଦୈନନ୍ଦିନ ଜୀବନ କ୍ଷେତ୍ରରେ ବିନିଯୋଗ କରିବା ପ୍ରତ୍ୟକ ମାନବର କର୍ତ୍ତବ୍ୟ I ଆହାର,ବିହାର ,କଥନ ,ଚିନ୍ତନ ,ମନନ ସବୁଠାରେ ସତ୍ୟର ବ୍ୟବହାର ଆବଶ୍ୟକ ହୁଏ I କେବଳ ମୁଖରେ ସତ୍ୟଭାଷଣ ଦ୍ୱାରା ଜଣେ କେହି ସତ୍ୟବାଦୀ ହୋଇପାରେ ନାହିଁ I ଜଗତ ପ୍ରାଣୀ ମାନଙ୍କ ହିତାର୍ଥେ ସମସ୍ତ ଆଚରଣ ସତ୍ୟ ହେବା ଆବଶ୍ୟକ I

ଜାତି ଓ ଧର୍ମକୁନେଇ ସମାଜରେ ବୈଷମ୍ୟ ତଥା ଭେଦଭାବ ସୃଷ୍ଟି ହୋଉଛି Iତେଣୁ ସମଗ୍ର ବିଶ୍ୱରେ ଭାତୃବିବାଦ ଚିରଦିନ ପାଇଁ ଲାଗିରହିଛି I ଏହା ଦ୍ୱାରା ସ୍ୱାଭିମାନ ବଶତଃ ମାନବ ଧର୍ମର ଅବକ୍ଷୟ ଘଟୁଅଛି I ସନ୍ଥ ଭୀମଭୋଇ ତାଙ୍କ ରଚନାରେ ଏହି ବର୍ଣ୍ଣ ବୈଷମ୍ୟ ବିରୁଦ୍ଧରେ ବିପ୍ଳବ ତୋଳି ଅଛନ୍ତି I ସେହିପରି ଧର୍ମ ବୈଷମ୍ୟରେ ସମସ୍ତେ ନିଜର ସାମ୍ପ୍ରଦାୟିକ ଧର୍ମକୁ ବଡକରି ଅନ୍ୟ ଧର୍ମକୁ ନିନ୍ଦା କରୁଛନ୍ତି I ଏହା ପ୍ରକୃତ ଧାର୍ମିକର ଲକ୍ଷଣ ନୁହେଁ I

ଭେକ ସିନା ଗଢେ ଭେଦର ପହାଡ ଭାରତେ ଆକାଶ ଛୁଏଁ

ଧର୍ମତ ଏକ ଇଶ୍ୱର ଏକ କଦାପି ଅନେକ ନୁହେଁ I

(ସ୍ୱକୃତ ରଚନାରୁ..)

ମହିମାଧର୍ମରେ ପିତୃଶ୍ରାଦ୍ଧ କରିବା ପାଇଁ ନିଷେଧାଜ୍ଞା ଅଛି I ଜୀବିତାବସ୍ଥାରେ ପିତା-ମାତାଙ୍କୁ ଗ୍ରାସାଚ୍ଛାଦନାଦି ଦେବାକୁ ହିଁ ଶ୍ରାଦ୍ଧ କୁହାଯାଏ I ସମାଜରେ ଦେଖିବାକୁ ମିଳେ ବହୁ ସନ୍ତାନ ଜୀବିତାବସ୍ଥାରେ ପିତାମାତାଙ୍କୁ ନିୟମିତ ଭାବେ ଖାଇବାକୁ ନଦେଇ ମୃତ୍ୟୁପରେ ଶ୍ରାଦ୍ଧ କରୁଛନ୍ତି I ଏହା ଶ୍ରାଦ୍ଧର ପ୍ରହସନ ମାତ୍ର I ପିତାମାତା ସନ୍ତାନର ପ୍ରତ୍ୟକ୍ଷ ଜୀବନ୍ତ ଦେବତା I ତାଙ୍କ ସେବା-ଭକ୍ତି କରିବା ଅବିଧେୟ I

ପୋଳା ପୋଳା ମାଂସ ଶରୀରୁ କାଟି ଖାଇବାକୁ
ଦେଲା ଯିଏ ।
ପିଇବାକୁ ଯେ ଶିରା-ପ୍ରଶିରାରୁ
ରକ୍ତ ଶୁଖେଇ ଦିଏ ।
ଚିହ୍ନି ପାରିଲୁନି ତାକୁ .......
ମନ୍ଦିରେ ପଶି ମୁଣ୍ଡିଆ ମାରୁ କେଉଁ ଦିଅଁ ଦେବତାଙ୍କୁ ॥
(ସ୍ୱକୃତ ରଚନାରୁ..)

ତେଣୁ ମହିମାଧର୍ମ ବାହ୍ୟ ପିତୃଶ୍ରାଦ୍ଧ ଦୃଢ ପ୍ରତିବାଦ ପୂର୍ବକ ନିଷେଧାଜ୍ଞା କରିଅଛି । ଅବଶ୍ୟ ପିତାମାତାଙ୍କ ସେବାକରି ତାଙ୍କ ମୃତ୍ୟୁ ଦିବସ ସ୍ମରଣ ରଖିବା ପାଇଁ ପାଳନ ପୂର୍ବକ ନିରନ୍ନ ତଥା ଶିଶୁମାନଙ୍କୁ ଭୋଜନ ଦେଇ ପୂଣ୍ୟାର୍ଜନ କରିବା ମହତ କର୍ମ ଅଟେ ।

ସ୍ୱଂୟ ଆତ୍ମା-ନାରାୟଣ ସକଳ ଘଟରେ ବିଦ୍ୟମାନ ହୋଇଛନ୍ତି । ତେଣୁ ସର୍ବଥା ବୈରତ୍ୟାଗ ପୂର୍ବକ ସକଳ ଜୀବରେ ସ୍ନେହ-କରୁଣା ପ୍ରେମ –ମୈତ୍ରୀ ପଦର୍ଶନ କରିବା ବିଧେୟ । ଦଳିତ,ପତିତ,ରୁଗଣ,ନିରନ୍ନ ଜନତାର ସେବା ହିଁ ପ୍ରକୃତରେ ଇଶ୍ୱର ସେବା । ମହିମାଧର୍ମ ଏହି ଚେତାବନୀ ଦେଇ ନିର୍ଜୀବ ଦେବତା କାଷ୍ଠ-ପାଷାଣକୁ ପୂଜା ନକରିବା ପାଇଁ ଉପଦେଶ ଦେଇଛି ।

ମାନବ ପ୍ରେମଟି ଅଟଇ
ଭବେ ଇଶ୍ୱର-ପ୍ରେମ ।
ମାନବ-ସେବାଟି ଇଶ୍ୱର-
ସେବା ମନରେ ଘେନ ।
(ସ୍ୱକୃତ ରଚନାରୁ..)

ଏତଦ୍ ବ୍ୟତୀତ ପ୍ରାତଃ ସ୍ନାନଶୌଚାଦି ଦ୍ଵାରା ଶୁଦ୍ଧ-ପୁତ ରହିବା । ସରଳତା, ନମ୍ରତା, ଉଦାସୀନତା ପ୍ରଭୃତି ଗୁଣମାନ ଧାରଣ ପୂର୍ବକ ଜଗତର ମଙ୍ଗଳ ପାଇଁ ବିଭୁ-ପାର୍ଥନା କରିବାକୁ ମହିମାଧର୍ମ ଉପଦେଶ ଦେଇଅଛି । ଆଦର୍ଶ ମାନବଟିଏ ଗଢି ତୋଳି ହେବାପାଇଁ ସନ୍ଥକବି ଭୀମଭୋଇଙ୍କ ରଚନାରେ ବହୁଶିକ୍ଷା ଉପଦେଶ ରହିଅଛି ।

ଯଥାର୍ଥରେ ମହିମାଧର୍ମକୁ ମାନବ ଧର୍ମ କହିଲେ ଅତ୍ୟୁକ୍ତି ହେବ ନାହିଁ । ମାତ୍ର ଅସୂୟାବିଜଡିତ ସମାଜରେ କେତେକ ନାସ୍ତିକ ବ୍ୟକ୍ତି ମହିମାଧର୍ମର ଗୈରିକ ବସ୍ତ୍ରକୁ ଘୃଣା କରୁଛନ୍ତି । ଆଉ କେତେକ ଧର୍ମାନ୍ଧ ବ୍ୟକ୍ତି ଉପହାସ ପୂର୍ବକ ମହିମା ଧର୍ମକୁ ନିନ୍ଦା କରୁଛନ୍ତି । ଏହାଦ୍ଵାରା ଗୋଟିଏ ମହାନ ଧର୍ମ ସଙ୍କୁଚିତ ହେଉଅଛି ।

ଯଥାର୍ଥରେ କୁହାଯାଇପାରେ...

ମହତ ଜନକୁ ଯେ ମଣଇଁ ନ୍ୟୁନ
ପବିତ୍ର ଆତ୍ମାକୁ ଯେ ମଣଇଁ ଘୃଣ୍ୟ ।
ହିତ ବଚନକୁ ଯେ ମଣେ ଅହିତ
ହୁଅଇ ତା'ର ଅଧୋଗତି ନିଶ୍ଚିନ୍ତ ॥

(ସ୍ଵକୃତ ରଚନାରୁ..)

**ଜହ୍ନିତଇଳା, ଢେଙ୍କାନାଳ**

# ଗଣିତ ମାଷ୍ଟ୍ରେ

ସୋନାଲୀ ମହାଭୋଇ

ଚିନୁ ଆକାଶ ବାବୁଙ୍କର ଗୋଟିଏ ବୋଲି ପୁଅ । ଆକାଶ ବାବୁ ଜଣେ ବଡ କୃଷକ ଓ କଲଣ୍ଡାପାଳ ଗ୍ରାମର ମୁଖିଆ ମଧ୍ୟ । ଚିନୁ ତାଙ୍କର ଏକମାତ୍ର ପୁଅ ହୋଇଥିବାରୁ ସେ ନିଜ ପୁଅଙ୍କୁ ଖୁବ ବହୁତ ଭଲପାଆନ୍ତି । ତା'ର ସବୁ ଦରକାର ପୂରଣ କରନ୍ତି । ସେ ଗାଁ ସ୍କୁଲରେ ପାଠ ପଢେ । ଭଲ ପାଠ ପଢୁଥିବା ସତ୍ତ୍ୱେ ମଧ୍ୟେ ସେ ବିଦ୍ୟାଳୟକୁ ଯିବା ପାଇଁ ଡରେ । କିନ୍ତୁ ତା'ର ଡରିବାର କାରଣ ସେ କେବେ କାହାକୁ କହିନାହିଁ । ବାପା କାଳେ ପାଟି କରିବେ ବୋଲି ପ୍ରତଦିନ ଅନିଚ୍ଛା ସତ୍ତ୍ୱେ ବି ବିଦ୍ୟାଳୟ ଯାଇଥାଏ । ବିଦ୍ୟାଳୟର ପ୍ରମୁଖ ଦ୍ୱାରରେ ପହଞ୍ଚିବା ମାତ୍ରେ ତା' ମନରେ ମାଡି ଆସେ ଅନ୍ଧାର କୋଠରୀରେ ଏକା ବସି ଭୟଙ୍କର ଚଳଚ୍ଚିତ୍ର ଦେଖିବା ଭଳି ଡର ଏବଂ ପରିଶ୍ରମ କରି ଆସିଲା ଭଳି ଝାଳ । ବିଦ୍ୟାଳୟ ଭିତରକୁ ଯିବାପରେ ପ୍ରଥମେ ସାଙ୍ଗମାନଙ୍କ ଠାରୁ ପଚାରି ବୁଝେ ଛଅ ଫୁଟିଆ ଗଣିତ ଶିକ୍ଷକ ଆସିଛି କି ନାହିଁ । ଯେବେ ଶୁଣେ ଆସିନାହିଁ ବୋଲି ସେତେବେଳ ଚିନୁର ଖୁସି କହିଲେ ନ ସରେ । ତା'ର ପୁରା ଦିନ ଖୁସିରେ କଟିଯାଏ । କିନ୍ତୁ ଯେବେ ଶୁଣେ 'ଆସିଛି' ବୋଲି ସେତେବେଳେ ତା' ମନ ବିଚଳିତ ହୋଇଉଠେ ଏବଂ ଦିନଟା ଦୁଃଖରେ କଟେ ।

ଚିନୁ ବିଦ୍ୟାଳୟର ସବୁ ପିଲାଙ୍କ ଠାରୁ ଭଲ ପଢେ ଏବଂ ସବୁ ଶିକ୍ଷକ ତାକୁ ଭଲପା'ନ୍ତି । ସେ ସବୁ ଶିକ୍ଷକ ମାନଙ୍କୁ ସମ୍ମାନ ଜଣାଇ କଥା ହୁଏ କିନ୍ତୁ ଗଣିତ ଶିକ୍ଷକଙ୍କୁ ତାଙ୍କ ଆଗରେ ସମ୍ମାନ ଦିଏ ହେଲେ ପଛରେ ନୁହେଁ । ଏହାର କାରଣ ହେଉଛି ଗଣିତ ଶିକ୍ଷକଙ୍କ ବେତ ମାଡ । ତାଙ୍କ ବେତ ଦେଖିଲେ ଚିନୁ ଜାଣିଥିବା ପ୍ରଶ୍ନର ଉତ୍ତର ମଧ୍ୟ ଭୁଲି ଯାଏ । ତଣ୍ଟି ପର୍ଯ୍ୟନ୍ତ ଗୋଟିଏ କଥା ଥାଏ କିନ୍ତୁ ପାଟିକୁ ପହଞ୍ଚିବା ପରେ ତାହା ବିଗିଡି ଯାଏ । ଭୁଲ ଉତ୍ତର ଶୁଣିବା ମାତ୍ରେ ଗଣିତ ଶିକ୍ଷକଙ୍କ ମୁଣ୍ଡରେ ପିତ୍ତ ଚଢିଯାଏ ଓ ସେ ବାଡେଇ ଚାଲନ୍ତି ରାଗ ସରିବା ପର୍ଯ୍ୟନ୍ତ । ଛଅ ଫୁଟିଆ ଗଣିତ ଶିକ୍ଷକଙ୍କ ଠାରୁ ରକ୍ଷା ପାଇବା ପାଇଁ ଚିନୁ ବହୁତ ଉପଚାର ଆପଣେଇ ଥାଏ । ଦିନେ କେଉଁ ଗଛର ଚେର ତ ଆଉ କେଉଁ ଦିନ କେଉଁ ଦେବାଦେବୀଙ୍କ ସିନ୍ଦୁର । କିନ୍ତୁ ସେସବୁ ଗଣିତ ଶିକ୍ଷକଙ୍କ ଆଗରେ କାମ ଦିଏନି । ଏହିପରି କିଛି ଦିନ ବିତିଗଲା ।

ଦିନେ ଚିନୁ ଘରେ ସାଙ୍ଗ ମାନଙ୍କ ସହ ଖେଳୁଥିବା ବେଳେ ଜଣେ ସାଙ୍ଗକୁ ବଡ ପାଟିରେ କହିଦେଲା "ଯାହାହେଉ ଆଜି ସେ ଛଅ ଫୁଟିଆ ଆସି ନଥିଲା " ଏକଥା ଆକାଶ ବାବୁଙ୍କ କାନରେ ପଡିଗଲା । ବୋଧହୁଏ ଚିନୁର ଭାଗ୍ୟ ସେଦିନ ଖରାପ ଥିଲା । ଆକାଶ ବାବୁ ଚିନୁ ଉପରେ ରାଗିଗଲେ ଓ ତାକୁ ଡାକି ଆଣି ସେ କାହାକୁ "ଛଅ ଫୁଟିଆ" କହୁଥିଲା ବୋଲି ପଚାରିଲେ I ବାପାଙ୍କ ଭୟରେ ଚିନୁ ସବୁ ସତକଥା ଓଗାଳି ଦେଲା I ସବୁ ଶୁଣିସାରିବା ପରେ ତା' ପରଦିନ ଆକାଶ ବାବୁ ଚିନୁର ସ୍କୁଲକୁ ଯିବା ପାଇଁ ମନସ୍ଥ କଲେ I ଚିନୁ ମନରେ କିନ୍ତୁ ଅଜଣା ଭୟ ସୃଷ୍ଟି ହୋଇଥାଏ । ବାପା କଣ ପାଇଁ ସ୍କୁଲ ଯିବେ, ମୋତେ ପୁଣି ଥରେ ସେ ଛଅ ଫୁଟିଆ ବାପାଙ୍କ କଥା ଶୁଣି ବାଡେଇବନି ତ ! ଏ ଭଳି ବହୁତ ପ୍ରଶ୍ନ ! ପରଦିନ ଆକାଶ ବାବୁ ସ୍କୁଲ ଗଲେ ଓ ଚିନୁର ଗଣିତ ଶିକ୍ଷକଙ୍କ ସହିତ କଥା ହେଲେ I

ଆକାଶ ବାବୁ : ସାର, ନମସ୍କାର ।

ଶିକ୍ଷକ : ନମସ୍କାର, ଆଉ ଏଠାକୁ ଆସିବାର କାରଣ ? (ବସିବା ପାଇଁ ଇଙ୍ଗିତ କରି)

ଆକାଶ ବାବୁ : ଚିନୁର ପାଠ ପଢା କିପରି ଚାଲିଛି ?

ଶିକ୍ଷକ : ପରୀକ୍ଷାରେ ତ ଲେଖୁଛି କିନ୍ତୁ ପଚାରିବା ବେଳେ କାଇଁ କିଛି ତ କହୁନି I ମୋତେ ଲାଗୁଛି ସେ ପରୀକ୍ଷାରେ କାହା ଠାରୁ ଦେଖି ଲେଖି ଦେଉଛି I

ଆକାଶ ବାବୁ : ତା'ହେଲେ ଏପରି କଥା I

.................

(ସ୍କୁଲ ଚପରାଶି ସମୟ ପୂର୍ବରୁ ଘଣ୍ଟି ବାଡେଇ ଦେଲା )

ଶିକ୍ଷକ : (ସମୟ ଦେଖିଲେ ଚାରିଟା ବାଜିବାକୁ ଆହୁରି ଅଧ ଘଣ୍ଟେ ଅଛି, ପିତ୍ତ ଚଢିଗଲା ମୁଣ୍ଡକୁ ) କିଏ ସେ ? ସମୟ ପୂର୍ବରୁ ଘଣ୍ଟି ବାଡେଇ ଦେଲା ?

ଚପରାଶି : ଭୁଲ ହେଇଗଲା ସାର I(ଏତିକି କହୁକହୁ ଗୋଡହାତ ଥରିବାରେ ଲାଗିଲା ଓ ଭୟରେ ଘଣ୍ଟିଟି ତଳେ ପଡି ଦୁଇଫାଳ ହୋଇଗଲା I)

ଆକାଶ ବାବୁ : ଦେଖିଲେ ତ ସାର, ଆପଣଙ୍କ ପାଟିକୁ ଡରି ଏକ ଅଭିଜ୍ଞ ଚପରାଶି ମଧ୍ୟ ତା' ହାତରୁ ଘଣ୍ଟକୁ ଛାଡି ଦେଲା I ତେବେ ଛୋଟ ପିଲାମାନେ ଆପଣଙ୍କ ପାଟି ଶୁଣିଲେ କଣ ହେଉ ନ ଥିବେ !

(ଶିକ୍ଷକ ନିଜର ଭୁଲ ବୁଝିପାରିଲେ ଏବଂ ପିଲାମାନଙ୍କ ଉପରେ ତାଙ୍କ ଦ୍ଵାରା ହେଉଥିବା ଅନ୍ୟାୟକୁ ସୁଧାରିବା ପାଇଁ ନିଷ୍ପତ୍ତି ନେଲେ ।)

ସେହି ଦିନଠାରୁ ଛଅଫୁଟିଆ ଗଣିତ ଶିକ୍ଷକଙ୍କୁ କ'ଣ ହେଲା କେଜାଣି ସେ କେବେବି ଆଉ କାହା ଉପରେ ରାଗିଲେ ନାହିଁ । ସତେ ଯେପରି ତାଙ୍କୁ କେହି ସର୍ପଗନ୍ଧା ଶୁଙ୍ଘାଇ ଦେଇଛି ଏବଂ ସେହି ଦିନଠାରୁ ଗଣିତ ଶିକ୍ଷକ ଚିନୁର ସବୁଠାରୁ ପ୍ରିୟ ଶିକ୍ଷକ ହୋଇଗଲେ । ଚିନୁ ତାଙ୍କୁ ସମ୍ମାନ ଦେବାକୁ ଲାଗିଲା ।

ନବମ ଶ୍ରେଣୀ ଛାତ୍ରୀ
ସେଣ୍ଟ ଜାଭିୟର'ସ ଉଚ୍ଚବିଦ୍ୟାଳୟ,
ରଣପଶି ଢେଙ୍କାନାଳ

# ମୋ ପାପା ହିରୋ

ସୋନାଲୀ ସ୍ୱାଇଁ

ଲିପ୍ସା ତିନି ବର୍ଷର କୁନି ଝିଅ । ଦୁନିଆଁର ଯୋଉ ଜିନିଷ ସହ ଯଦି ସେ ବେଶି ପରିଚିତ ଥିଲା ସେ ହେଲେ ପାପା। ମାମା ଦୁନିଆ ହେଲେ ,ଲିପ୍ସା ପାଇଁ ପାପା ଥିଲେ ପୃଥିବୀ I ଅବିନାଶ ବାବୁ ଲିପ୍ସାର ପାପା, ଭାରତୀୟ ସେନା ବାହିନୀରେ ଥିଲେ ଜଣେ ସୁଦକ୍ଷ କର୍ମଚାରୀ I ଖାଲି ରାଜ୍ୟସ୍ତରରେ ନୁହେଁ ସର୍ବ ଭାରତୀୟସ୍ତରରେ NCC ପ୍ୟାରେଡରେ ଥିଲେ ସେ ନଂ-୧ । ବାପା ମାଆ ପାଇଁ ନୁହେଁ ବରଂ ଭାରତ ମାଆ ପାଇଁ ସେ ଥିଲେ ଯୋଗ୍ୟ ସନ୍ତାନ I ବାହାଘରର ଏକ ବର୍ଷପରେ ଲିପ୍ସାର ଜନ୍ମ I ଅବିନାଶ ବାବୁଙ୍କ ଜୀବନ ଥିଲା ଲିପ୍ସା I ସକାଳୁ ଲିପ୍ସାର ସ୍ୱର ନ ଶୁଣିଲେ ଅବିନାଶ ବାବୁ ଡିଉଟି ଯାଉ ନଥିଲେ , ଆଉ ଲିପ୍ସା ପାପାଙ୍କ ସ୍ୱର ନ ଶୁଣିଲେ ବେଡ୍ ଛାଡୁ ନଥିଲା I ସେ ଯେମିତି ବି କାମ ଥାଉ ଲିପ୍ସାର ଜନ୍ମଦିନରେ ଅବିନାଶ ବାବୁ ଛୁଟି ନେଇ ଘରକୁ ଆସୁଥିଲେ ଆଉ ୧୦-୧୫ ଦିନ ଗାଁରେ ରହି ଚାଲି ଯାଉଥିଲେ I ଲିପ୍ସା ପାଇଁ ସେ ସବୁ ୧୦ ଦିନ ଅତି ସ୍ମରଣୀୟ I ଲିପ୍ସାର ଜନ୍ମଦିନକୁ ଆଉ ୫ ଦିନ ଯେମିତି ବି ହଉ ଘରକୁ ଯିବାକୁ ପଡ଼ିବ । ଆଉ ଲିପ୍ସାର ଏକା ଜିଦ୍ ପାପା ମୋ ପାଇଁ କୁନି ପ୍ୟାରୋଟ୍ ଆଣିବ ସେ ମୋ ସହ କଥା ହବ I ଆଉ ତୁମ ପରି ଲିପ୍ସା ମାମା ....ଲିପ୍ସା ମାମା....ଡାକିବ I ଅବିନାଶ ବାବୁ ବି ପ୍ରୋମିଜ୍ କରିଛନ୍ତି ଯାହା ବି ହଉ ଲିପ୍ସା ପାଇଁ ପ୍ୟାରୋଟ୍ ଯିବ ହିଁ ଯିବ I ଲିପ୍ସା ମନ ବହୁତ ଖୁସି ପାପା ତା'ର ପ୍ୟାରୋଟ୍ ଆଣିବେ... ସେ ପ୍ୟାରୋଟ୍ .....ତା ସହ କଥା ହବ ତା' ନାଁ ଧରି ଲିପ୍ସା ...ଲିପ୍ସା...... ଡାକିବ ।

ପାପା କେବେ ଆସିବ ??

ମାମା ବ୍ୟସ୍ତ ହଅ ନାହିଁ I ମୁଁ ପର୍ଦିନ ଚାଲିଯିବି ଆଉ ତୋ ପାଇଁ ପ୍ୟାରୋଟ୍ ବି ନେବି I

.....ମୋ କ୍ୟୁଟ୍ ପାପା  I

ଓକେ, ମାମା ମୁଁ ଯାଉଛି ଡିଉଟି ରେ.......

କିଛିସମୟ ପରେ...

ମାମା ......ମାମା.....ପାପାଙ୍କ ଫୋନ୍ ଲାଗୁନି !!!!!!

ଲିପ୍ସା ର ମାମା ବ୍ୟସ୍ତ ବିବ୍ରତ ହୋଇ......

ନମ୍ବର ନଟ ରିଚିଏବଲ୍ କହୁଛି......
କ'ଣ ପାଇଁ !!!
କହିଲେ କି ଶ୍ରୀନଗରରେ ପହଞ୍ଚି କଲ୍ କରିବେ.....

ଲିପ୍ସା ଦୌଡ଼ି ଦୌଡ଼ି ଆସି ........ମାମା ....ମାଇ ପାପା ଇଜ୍ ହିରୋ .......ମାଇ ପାପା ଇଜ୍ ହିରୋ.....ଦେଖ ଟିଭିରେ ପାପାଙ୍କ ଫୋଟୋ.....

ଲିପ୍ସା ର ମାମା ସ୍ତବ୍ଧ ହୋଇ ବସି ପଡ଼ିଲେ I ନ୍ୟୁଜ୍ ହେଡ୍ ଲାଇନରେ ବଡ଼ ବଡ଼ ଅକ୍ଷରରେ ଲେଖଥିଲା ,"ଭାରତ ମା'ର ବୀର ସନ୍ତାନ ଅବିନାଶ ଦାସଙ୍କର ପାକିସ୍ତାନ ସେନାର ଗୁଳି ଚାଳନା ହେତୁ ମୃତ୍ୟୁ ଘଟିଛି।"

ଆଉ ବି ଲେଖାଥିଲା ,"ଅବିନାଶ ଦାସ ରିଅଲ ହିରୋ ଅଫ୍ ଇଣ୍ଡିଆ।"

ଲିପ୍ସାକୁ ଜଣା ନଥିଲା ଏଇ ବିଷୟରେ I ସେ କେବଳ ବୁଝୁଥିଲା .....ମୋ ପାପା ହିରୋ, ଆଉ ସେ ଟିଭିରେ ବାହାରୁଛନ୍ତି।

**ବୋରିକିନା, ଜଗତସିଂହପୁର**

# ଜେଜେ

ରାଧାମୋହନ ମିଶ୍ର

ଫରେନ ବୁଝି ପାରୁନଥିଲା କିଛି । ବୟସ ଅଧିକ ନୁହେଁ , ଜେଜେ କହୁଥିଲେ "ଆରେ ଫରୁ, ତୁ କେବେ ଦର୍ପଣରେ ତୋ ମୁହଁ ଦେଖିଛୁ ? କେବେ ଆଖି ବନ୍ଦ କରି ତୋ ମୁହଁର ହସ କାନ୍ଦ ଦେଖିଛୁ ? " ଫରୁ ମୁଣ୍ଡ ହଲେଇ ନା କଲା । "ଆଖି ବନ୍ଦ କରି କଣ କିଛି ଦେଖି ହୁଏ ?" ଜେଜେଙ୍କ ଆଡକୁ ଚାହିଁ ପ୍ରଶ୍ନ କଲା । ଜେଜେ ବୁଝେଇ ଦେଲେ "ମୁଁ ଏ ପ୍ରଶ୍ନର ଗୋଟେ ସରଳ ଉପାୟ ବୁଝେଇ ଦେବି I ତୁବି ମାନିବୁ, ନିଜେ ନିଜେ ବୁଝି ଯିବୁ । ମୋ ପାଖରେ ବସ ,ଚକା ପକେଇ, ଦି ହାତ ଯୋଡି, ଆଖି ବନ୍ଦ କରି । ପ୍ରଥମେ ତୁ ତୋ ମା'ଙ୍କ ମୁହଁକୁ ମନେପକା, ତାପରେ ତୋ ବାପାଙ୍କ ମୁହଁକୁ, ଏବଂ ତାପରେ ତୋ ଭଲ ସାଙ୍ଗ ଆଉ ଶେଷରେ ତୋ ମୁହଁକୁ ମନେପକା । " ଜେଜେଙ୍କ କଥା ମାନି ଫରୁ ସେମିତି କଲା, ଆଉ ସଙ୍ଗେ ସଙ୍ଗେ କହିଲା କିଛିତ ଦେଖା ଯାଉନି I ଅତି ନରମରେ ଜେଜେ ବୁଝେଇ ଦେଲେ ଟିକେ ଧର୍ଯ୍ୟ ଧର , ଅଭ୍ୟାସ କର , ଥରେ ନହେଲା ନାହିଁ, ଆଉ ଥରେ କର I ସେଦିନ ଫରୁ ଚେଷ୍ଟାତ କରିଥିଲା , ହେଲେ ଅସଫଳ ହେଇଥିଲା । ତା ପରଦିନ ସକାଳୁ ଉଠି ତାର ପ୍ରଥମେ ଜେଜେଙ୍କ କଥା ମନେପଡିଲା । ଶେଜରୁ ନଉଠି ଯେମିତିତ କହିଥିଲେ ଜେଜେ ସେମିତି କଲା । ଆଖି ବନ୍ଦ କଲା ମାତ୍ରେ ତାକୁ ଦେଖା ଗଲା ସେ କିପରି ସକାଳୁ ଉଠୁଛି, ନିତ୍ୟ କର୍ମ କରୁଛି , ଡ୍ରେସ ପିନ୍ଧୁଚି, ମା ଖାଇବାକୁ କହିବା ପରେ କେମିତି ଡେରି ହେଇଯିବ ବୋଲି ବାହାନା କରୁଛି । ସବୁ ତାକୁ ଦେଖାଗଲା I ତା ପାଟିରୁ ବାହାରି ପଡିଲା ଡେରି ହେଇଯିବ ମା ,ଜେଜେଙ୍କ ପାଖକୁ ଦୌଡି ଯାଇ କହିଲା ମତେ ଦେଖାଗଲା,ମତେ ଦେଖାଗଲା I ଜେଜେ ଖୁସିରେ କୋଳେଇ ନେଇ କହିଲେ ବୁଝିଗଲୁ ଫରୁ "Early to bed ,early to rise , makes a man healthy, wealthy and wise ." କାରଣ ଫରୁ ସେଦିନ ଚଞ୍ଚଳ ଉଠି ପଡିଥିଲା I

ପିଲା ଦିନର ଏହି କଥା ମନେ ପକାଇ ଫରୁଭାବେ ଅନେକ କିଛି । ସେ ଏବେ ବହୁତ ବଡ ହୋଇ ଗଲାଣି । ଭଲ ପଢେ ନୁହେଁ , ତାର ଆଚରଣ ଓ ଉଚ୍ଚାରଣ ଏତେ ମାର୍ଜିତ ଯେ ତା କଥାରେ ସମସ୍ତେ ପ୍ରଭାବିତ ହୁଅନ୍ତି, ପ୍ରଶଂସା ବି କରନ୍ତି, ଫରୁ କିନ୍ତୁ ସମସ୍ତ ଶ୍ରେୟ ଅଜାଡି ଦିଏ ତା ଜେଜେଙ୍କ ଫୁଲମାଳ ପିନ୍ଧା ଫଟ ତଳେ ।

ଫରୁ ଭାବେ ତା ପିଲାଦିନ କଥା , ଜେଜେ କହନ୍ତି ସେ ଯେତେବେଳେ ସ୍କୁଲ ପିଲା ଥିଲେ, ପିଲା ମାନେ ଡରୁଥିଲେ ସ୍କୁଲ ଯିବାକୁ, କଥା ନମାନିଲେ ମାଡ, ହୋମୱର୍କ ନକରିଥିଲେ ମାଡ, ହାତରେ ନଖ ଥିଲେମାଡ, ବଗିଚା କାମ ନକଲେ ମାଡ, ଇତ୍ୟାଦି । ଜେଜେ କିନ୍ତୁ କେବେ ମାଡ ଖାଇ ନାହାଁନ୍ତି । ସ୍କୁଲରେ କେବେ ଅନୁପସ୍ଥିତ ରହିନଥିଲେ ବୋଲି ପ୍ରଧାନ ଶିକ୍ଷକ ତାଙ୍କୁ ତାଙ୍କ ପେନ ଖୁସିରେ ଦେଇଥିଲେ ପୁରସ୍କାର ଭାବରେ । ସେତେବେଳର ସେଇ ପେନଟି ସେମିତି ଥୁଆ ହୋଇଛି ଜେଜେଙ୍କ ଟେବୁଲ ଉପରେ । ସ୍କୁଲରେ ହେଇଥିବା ଡ୍ରାମାରେ ଥରେ କୃଷ୍ଣ ଭୂମିକା ଜେଜେ ଏମିତି କରିଥିଲେ ଯେ ସ୍କୁଲପିଲା ସବୁ ତାଙ୍କୁ ତାଙ୍କ ନାଁରେ ନଡାକି କୃଷ୍ଣ ବୋଲି ଡାକୁଥିଲେ । ଜେଜେ କହନ୍ତି ଭାରି ଭଲ ଥିଲା ସେତେବେଳର ସ୍କୁଲ । ଶାସନ ଓ ଭୟ ଥିବାରୁ ସିନା ଭକ୍ତି ଜାତ ହୁଏ । ଶିକ୍ଷଙ୍କ ବେତ ଖାଇଥିବା ପିଲା କେବେ କୁଆଡେ ହାରେନି । ଅବଶ୍ୟ ଏବେ ବହୁତ ପରିବର୍ତନ ଘଟିଛି, ସ୍କୁଲ ସାମ୍ନାରେ ଦଣ୍ଡ ମୁକ୍ତ ଅଞ୍ଚଳ ଲେଖା ହେଉଛି ।

ଫରୁ ଥରେ ଜେଜେଙ୍କୁ ପଚାରି ଥିଲା ଜେଜେ ପାଠ ପଢିବା ପାଇଁ ଦଣ୍ଡ କଣ ନିହାତି ଆବଶ୍ୟକ ? ଟିକେ ଚିନ୍ତା କରି ଜେଜେ କହିଲେ ବୋଧ ହୁଏ , ନାଁ । ଶିକ୍ଷକ ଜାଣିବା ଦରକାର ସେ କାହାକୁ ଦଣ୍ଡ ଦଉଛନ୍ତି । ତାଙ୍କ ପୁଅ ବା ନାତି ବୟସର ତାଙ୍କ ପ୍ରିୟ ଛାତ୍ରକୁ ତ ! ବୁଝେଇ ପାରିବେ ଧୈର୍ଯ୍ୟ ରଖି; ଶାସନ ମାନେ କଣ ଦଣ୍ଡ । ଛାତ୍ର ବୁଝିବା ଦରକାର ସେ ଭୁଲ କରୁଛି । ଭୁଲ ବୋଲି ଜାଣିଲେ ତ ସେ ଠିକ କରିବ । ସବୁ ପିଲାଙ୍କର ପରିବେଶ ସମାନ ନୁହେଁ , ସମସ୍ତେ କାମକୁ ଭୁଲ ବୋଲି ଜାଣି ପାରନ୍ତିନି । ତେଣୁ ଶିକ୍ଷକ ମାନେ ମଧ ତାଙ୍କର ଗୁରୁ ଦାଇତ୍ୱକୁ ବୁଝି ଛାତ୍ରମାନଙ୍କ ମନ ଜିଣିବା ଦରକାର ।

ଆଜି ମୁଁ ଫରୁ ଓରଫ ଫରେନ ମହାପାତ୍ର , ଯଦି ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଭାବରେ ଠିଆ ହୋଇଛି ସେସବୁ କେବଳ ଜେଜେଙ୍କ ପାଇଁ। ଯଦି ସବୁପିଲା ଗୁରୁଜନଙ୍କ କଥା ମାନନ୍ତେ , ତେବେ ହୁଏତ କେତେ ଫରୁ ମହାପାତ୍ର ଠିଆ ହେଇ ପାରନ୍ତେ । ପିଲା ମାନଙ୍କ ମନ ଭାରି କୋମଳ। ଜ୍ଞାନ ମତରେ ସେମାନେ କଞ୍ଚା ମାଟି ପିଣ୍ଡୁଳା ସଦୃଶ , କୋମଳ ବୟସରେ ତାଙ୍କୁ ଯେମିତି ଗଢିବ, ସେମାନେ ସେମିତି ହେବେ । ତେବେ ବଡ କଥା ହେଲା, ପିଲା ମାନେ ବହୁତ ଅନୁକରଣ ପ୍ରିୟ । ତେଣୁ ଜଣେ ଭଲ ପିଲା ହେବା ପାଇଁ , ସେମାଙ୍କ ଗୁରୁ-ଗୁରୁଜନ ଭଲ ହେବା ଦରକାର । ଜେଜେ କହନ୍ତି ଲକ୍ଷ୍ୟ ବିହୀନ ଜୀବନ ଏକ ଆହୁଲା ବିହୀନ ଡଙ୍ଗା ସଙ୍ଗେ ସମାନ । ତେଣୁ ପିଲା ମାନେ ଗୋଟିଏ ଉତ୍ତମ ଲକ୍ଷ୍ୟ ରଖି ପଢିବା ବଢିବ ଦରକାର । ତେଣୁ ମୁଁ କହେ , ମୋ ଜେଜେଙ୍କ ପରି ସମସ୍ତଙ୍କୁ ଭଲ ଜେଜେ ମିଳନ୍ତେ କି !

ଫରୁ ଆଖିରେ ଲୁହ ଜକେଇ ଆସୁଥିଲା , ରୁମାଲରେ ମୁହଁ ପୋଛୁ ପୋଛୁ ପଛପଟୁ ତାଙ୍କର ଗୋଟ୍ଲା ପୁଅ ଖନେଇ ଖନେଇ କହୁଥିଲା "I love my papa, I love my Grandpa ."

ରଣପଶି,ଢେଙ୍କାନାଳ

ପ୍ରିୟ ପାଠକ ଓ ପାଠିକା,

- ପ୍ରେରଣା ଇ-ପତ୍ରିକାର ଏହା ପଞ୍ଚମ ସଂସ୍କରଣ । ଏହି ଫେବୃୟାରୀ ସଂସ୍କରଣଟି ଆପଣଙ୍କୁ କିପରି ଲାଗିଲା ଆମକୁ ନିଶ୍ଚିନ୍ତ ଜଣାନ୍ତୁ ।
- ପ୍ରିୟ ଲେଖକ/ଲେଖିକା ମାନଙ୍କୁ ଉତ୍ସାହିତ କରିବା ପାଇଁ ତଥା ପତ୍ରିକାକୁ ଅଧିକ ସରସ ସୁନ୍ଦର କରିବାରେ ଆପଣଙ୍କ ସୁଚିନ୍ତିତ ମତାମତ ନିତ୍ୟାନ୍ତ ଆବଶ୍ୟକ ।
- ପ୍ରକାଶନରେ ରେ ହୋଇଥିବା କୌଣସି ତ୍ରୁଟି ଆମକୁ ଜଣାଇଲେ ପରବର୍ତ୍ତୀ ସଂସ୍କରଣରେ ତା'ର ମାର୍ଜନା ପ୍ରତି ଯତ୍ନବାନ ହେବୁ ।

**ଆପଣଙ୍କ ମତାମତ ପ୍ରେରଣା ୱେବସାଇଟରେ**

**(www.preranaodia.com/feedback)ପ୍ରଦାନ କରିବାକୁ ଅନୁରୋଧ ।**

# www.preranaodia.com




## www.facebook.com/epicclickz/